NEHRU BAL PUSTAKALAYA

ଗୁହାର କାହାଣୀ

ଅରୂପ କୁମାର ଦତ୍ତ



Digitized by srujanika@gmail.com

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ଗୁହାର କାହାଣୀ

ଅରୂପ କୁମାର ଦତ୍ତ

ଚିତ୍ର

ମୃଣାଳ ମିତ୍ର

ଅନୁବାଦ

ବିଶ୍ୱରଞ୍ଜନ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN 81-237-0583-2

1993 (ଶକାବ୍ଦ 1915)

© ଅରୂପ କୁମାର ଦତ୍ତ, 1985

© ଓଡ଼ିଆ ଅନୁବାଦ: ନ୍ୟାସନାଲ ବୁକ ଟ୍ରଷ୍ଟ; ଇଣ୍ଡିଆ, 1993

A Story About Tea (*Oriya*)

ଟ 8.00.

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ–5, ଗ୍ରୀନ୍‌ପାର୍କ,
ନୂଆଦିଲ୍ଲୀ - 110016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

I

ଦୀର୍ଘ ପଥଗାମୀ ରେଲ୍‌ଗାଡ଼ିଟି ରାସ୍ତାପାଖରେ ଥିବା ଗୋଟିଏ ଷ୍ଟେସନରେ ଯାଇ ରହିଗଲା । ଡ୍ରାଇଭରର ବ୍ରେକ୍ ଧକ୍‌କାରେ ତେରବର୍ଷ ବୟସର ଏକ ଶିଖ୍ ବାଳକ, ରଜବୀର ସିଂହର ନିଦ ଭାଙ୍ଗିଗଲା । ତା'ର ସାଙ୍ଗ, ପ୍ରାଞ୍ଜଳ, ଝରକା ପାଖରେ ବସି ଏକ ଡିଟେକଟିଭ୍ ଗଳ୍ପ ପଢ଼ିବାରେ ପୁରାପୁରି ମଗ୍ନ ଯାଇଥିଲା ।

ପ୍ରାଞ୍ଜଳ ଆସାମୀ ପିଲା । ଦିଲ୍ଲୀର ଏକ ସ୍କୁଲରେ ସେ ରଜବୀରର ସହପାଠୀ । ପ୍ରାଞ୍ଜଳର ବାପା ଉପର ଆସାମରେ ଏକ ଚା'ବଗିଚାର ମ୍ୟାନେଜର ଥିଲେ । ଗ୍ରୀଷ୍ମଛୁଟୀରେ ତାଙ୍କ ଘରକୁ ଆସିବା ଲାଗି ପ୍ରାଞ୍ଜଳ ରଜବୀରକୁ ନିମନ୍ତ୍ରଣ କରିଥିଲା ଏବଂ ରଜବୀର ବିନା ଆପତ୍ତିରେ ତାହା ଗ୍ରହଣ କରିଥିଲା ।

ଦିଲ୍ଲୀରୁ ଆସାମ ଦୀର୍ଘ ସମୟର ଯାତ୍ରା । ଭୂଭାଗର ବିବିଧ ଦୃଶ୍ୟ ଦେଖି ଦେଖି ସେ ଦୁହେଁ ଦୁଇଦିନ ଓ ଦୁଇରାତି ବିତାଇ ଦେଇଥିଲେ । ସେମାନେ ବର୍ତ୍ତମାନ ସେମାନଙ୍କ ଲକ୍ଷ୍ୟସ୍ଥାନର ନିକଟରେ ପ୍ରାୟ ପହଞ୍ଚି ଯାଇଥିଲେ ।

"ଏ ଅଳସୁଆ, ଉଠିପଡ଼୍"—ପ୍ରାଞ୍ଜଳ ଆନନ୍ଦରେ ଡାକିଦେଲା । "ଆମେ ଆଗ ଷ୍ଟେସନ, ମାରିଆନିରେ ଓହ୍ଲାଇବା । ଭଲହେବ, ତୁ କପେ ଚା' ପିଇଦେ । ତୋ ନିଦ ଭାଙ୍ଗିଯିବ । ତୁ ତ ଜାଣୁ, ଚା'ରେ କଫିଏନ୍ ଅଛି ଯାହାକି ସକ୍ରିୟ କରିବାରେ ସାହାଯ୍ୟ କରେ ।"

"ମୁହୂର୍ତ୍ତକ ଭିତରେ ମୁଁ ପ୍ରସ୍ତୁତ ହୋଇଯିବି"—ଏହା କହି ରଜବୀର ବିଛଣାରୁ ଉଠିପଡ଼ି ଜିନିଷପତ୍ର ସବୁ ବନ୍ଧାବନ୍ଧି କରି ପକାଇଲା । ସାଙ୍ଗେ ସାଙ୍ଗେ ଧୂଆଧୋଇ ହୋଇ ପୋଷାକ ବଦଳେଇ ସାଙ୍ଗ ଆଡ଼କୁ ମୁହଁକରି ବସିଲା ।

"ଚା' ଗରମ........ଗରମ ଚା'"—ଚା' ବିକାଳୀ ବଡ଼ ପାଟିରେ ଡାକ ଛାଡ଼ିଲା ।

ଝରକା ପାଖକୁ ସେ ଆସି ପଚାରିଲା—"ସାହେବ୍, ଚା' ?"

ପ୍ରାଞ୍ଜଳ କହିଲା—"ଆମକୁ ଦୁଇ କପ୍ ଦିଅ ।"

ବାମ୍ଫ ବାହାରୁଥିବା ଗରମ ଚା' ସେ ଦୁହେଁ ଢୋକ ଢୋକ କରି ପିଇ ଦେଇଗଲେ । ସେ ଡବାରେ ଥିବା ପ୍ରତ୍ୟେକ ଯାତ୍ରୀ ମଧ୍ୟ ଚା' ପିଉଥାଆନ୍ତି ।

"ତୁ ଜାଣୁ,—ସାରା ପୃଥିବୀରେ ପ୍ରତିଦିନ ଅଶୀ କୋଟି କପ୍‌ରୁ ଅଧିକ

Digitized by srujanika@gmail.com

ଚା' ଲୋକେ ପିଉଛନ୍ତି ?"—ରାଜବୀର ପଚାରିଲା ।

"ଏଁ !" ପାଞ୍ଚାଳ ଆଶ୍ଚର୍ଯ୍ୟ ହୋଇଗଲା । "ବାସ୍ତବିକ୍ ଚା' ଖୁବ୍ ଲୋକ-ପ୍ରିୟ ହୋଇପାରିଛି ।"

ଟ୍ରେନ୍ ଷ୍ଟେସନ ଛାଡ଼ିଲା । ପାଞ୍ଚାଳ ପୂର୍ବପରି ସେହି ଡିଟେକ୍ଟିଭ୍ ବହି ପଢ଼ାରେ ପୁଣି ମନ ଦେଲା । ରାଜବୀର ଯଦିଓ ସେ ପ୍ରକାର ବହି ପଢ଼ିବାରେ

Digitized by srujanika@gmail.com

ଖୁବ୍ ଆଗ୍ରହୀ, କିନ୍ତୁ ସେତେବେଳେ ସେ ପ୍ରାକୃତିକ ସୁନ୍ଦର ଦୃଶ୍ୟ ଦେଖି-ବାରେ ମଗ୍ନ ରହିଲା ।

ସବୁଜ—ସ୍ୱିଜ୍ୟାଣ୍ଡ ଖାଲି ସବୁଜ ରଙ୍ଗର ସମାବେଶ । ରଜ୍‌ବୀର ଏପରି ବିସ୍ତୀର୍ଣ୍ଣ ସବୁଜକ୍ଷେତ୍ର କେବେ ଦେଖି ନଥିଲା । ତାକୁ ଜଣାଗଲା, ସ୍ୱ’ କ୍ଷେତର ସବୁଜ ରଙ୍ଗ ଶ୍ୟାମଳ ଧାନ କ୍ଷେତର ସବୁଜିମାକୁ ବଳି ପଡିଛି ।

ଦୃଶ୍ୟଟି ତାକୁ ଅତି ଚମତ୍କାର ମନେ ହେଲା । ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ପାହାଡଶ୍ରେଣୀର ବିପରୀତ ଦିଗରେ ସ୍ୱ’ ସୁନ୍ଦର ସବୁଜ କ୍ଷେତ୍ରଗୁଡିକ ନୀଳ ସମୁଦ୍ରପରି ତା’ ଆଖି ପାଇବା ପର୍ଯ୍ୟନ୍ତ ଲମ୍ବି ଯାଇଥିବାର ସେ ଦେଖିବାକୁ ପାଇଲା । ଦୀର୍ଘକାୟ ବୃକ୍ଷ ତୁଳନାରେ ସ୍ୱ’ ଗଛଗୁଡିକ ବାମନଭଳି କ୍ଷୁଦ୍ରକାୟ ଦିଶୁଥିଲେ । ଶୃଙ୍ଖଳିତ ବୁଦାଗୁଡିକ ଭିତରେ ଏମାନେ ଛୋଟ ଛୋଟ କଣ୍ଢେଇଭଳି ବୁଲାଚଲାରେ ବ୍ୟସ୍ତ ଥିବାଭଳି ଜଣା ପଡୁଥିଲା । ଦୂରରେ ଥିବା

Digitized by srujanika@gmail.com

ଏକ ଅସୁନ୍ଦର କୋଠାର ଲମ୍ବା ଚିମ୍‌ନିରୁ ଧୂଆଁ ସବୁ ତରଙ୍ଗାୟିତ ହୋଇ ବାହାରି ଆସୁଥିଲା ।

"ହାଃ ହାଃ ଚା' ବଗିଚା" ! —ରାଜବୀର ଉତ୍‌ଫୁଲ୍ଲିତ ହୋଇ କହିଲା ।

ପ୍ରାଞ୍ଜଲର ଜନ୍ମ ଓ ଲାଳନପାଳନ ସେହି ଚା' ବଗିଚାରେ ହୋଇଥିବାରୁ ରାଜବୀରର ଆନନ୍ଦ-ଉଦ୍ଦୀପନା ତା' ଉପରେ କୌଣସି ପ୍ରଭାବ ପକାଇ ନଥିଲା ।

"ବୁଝିଲୁ, ଏବେ ଏହା ଚା' ଦେଶ ।" ସେ କହିଲା । "ଆସାମ ହେଉଛି ସାରା ପୃଥିବୀରେ ସର୍ବ ବୃହତ୍ତମ ଚା' ଦେଶ । ତୋର ସାରା ଜୀବନ ମନେ ରଖିବା ପାଇଁ ବହୁତ ଚା' ବଗିଚା ତୁ ଏଠାରେ ଦେଖିବାକୁ ପାଇବୁ ।"

ରାଜବୀର କହିଲା—"ଚା' ବିଷୟରେ ଜାଣିବା ପାଇଁ ମୁଁ ଯେତେ ପାରେ, ସେତେ ପଢ଼ିବାରେ ଲାଗିଛି । ବାସ୍ତବିକ୍ କେହି ଜାଣନ୍ତି ନାହିଁ ଯେ ଚା' କିଏ ଆବିଷ୍କାର କଲା । କିନ୍ତୁ ଏ ସମ୍ବନ୍ଧରେ ବହୁ ଉପାଖ୍ୟାନ ଶୁଣିବାକୁ ମିଳେ ।"

"କି ଉପାଖ୍ୟାନ ?"

"ବାସ୍—ଗୋଟିଏ ହେଉଛି ଚୀନ୍ ଦେଶର ସମ୍ରାଟଙ୍କ ସମ୍ପର୍କରେ, ଯିଏ

Digitized by srujanika@gmail.com

ପାଣି ପିଇବା ପୂର୍ବରୁ ସର୍ବଦା ତାକୁ ସିଝାଇ ପିଉଥିଲେ । ଦିନେ ହାଣ୍ଡିତଳେ ଚୁଲ୍ଲୀରେ ଜଳୁଥିବା ବେଳେ ଡାଳିଆ କାଠର କେତେଗୁଡ଼ିଏ ପତ୍ର ପାଣିରେ ପଡ଼ିଗଲା ଏବଂ ସେଥିରୁ ଏକ ପ୍ରକାର ସୁଗନ୍ଧ ନିର୍ଗତ ହେଲା । ସେହି ପତ୍ର-ଗୁଡ଼ିକୁ ଚ’ ପତ୍ର ବୋଲି ଲୋକେ କହିଲେ ।”

“ଆଉ ଗୋଟିଏ ଉପାଖ୍ୟାନ କହିଲୁ ।” ପ୍ରାଞ୍ଜଳ ବିଦ୍ରୂପ କରି କହିଲା ।

“ଆମ ଭାରତୀୟ କାହାଣୀଟିଏ ମଧ୍ୟ ଅଛି । ବୋଧିଧର୍ମ ନାମରେ ଜଣେ ପ୍ରାଚୀନ, ବୌଦ୍ଧ ସନ୍ନ୍ୟାସୀ ତାଙ୍କର ଆଖିପତାଗୁଡ଼ିକ କାଟିଦେଲେ । କାରଣ ଧ୍ୟାନ ସମୟରେ ସେ ନିଦ୍ରା ଅନୁଭବ କରୁଥିଲେ । ସେଇ ଆଖି-ପତାରୁ ଦଶଟି ଚ’ ଗଛ ଜନ୍ମ ନେଲା । ଏହି ଗଛର ପତ୍ରଗୁଡ଼ିକୁ ଯେତେ-ବେଳେ ଗରମ ପାଣିରେ ଭିଜି ପିଆଗଲା, ସେତେବେଳେ ନିଦ ଛାଡ଼ିଗଲା ।”

ରଜବୀର କହିଲା—“ପ୍ରାୟ ଖ୍ରୀ: ପୂ: 2700 ଶତାବ୍ଦୀରେ ପ୍ରଥମେ ଚୀନ୍‌ରେ ହିଁ ଚ’ ପାନ କରାଯାଉଥିଲା । ପ୍ରକୃତରେ ଟି, ଚ’, ଓ ଚିନି ପ୍ରଭୃତି ଶବ୍ଦଗୁଡ଼ିକ ଚୀନା ଶବ୍ଦ । ଷୋଡ଼ଶ ଶତାବ୍ଦୀରେ ହିଁ କେବଳ ଚ’ ଇଉରୋପକୁ ଆସିଲା ଏବଂ ଏହା ପାନୀୟ ବଦଳରେ ଔଷଧ ହିସାବରେ ହିଁ ଅଧିକ ପିଆ ଯାଉଥିଲା ।”

Digitized by srujanika@gmail.com

ଟ୍ରେନ ଗର୍ଜନ କରି ଆସି ମାରିଆନି ଜଙ୍କସନ୍‌ରେ ଲାଗିଲା । ପିଲାମାନେ ସେମାନଙ୍କର ଜିନିଷପତ୍ର ସଂଗ୍ରହ କଲେ ଏବଂ ପ୍ଲାଟଫର୍ମର ଜନଗହଳି ଭିତର ଦେଇ ଚାଲିଲେ ।

ସାଞ୍ଜଲର ବାପା-ମା' ସେମାନଙ୍କ ପାଇଁ ଅପେକ୍ଷା କରୁଥିଲେ । ସାଞ୍ଜଲର ଭଉଣୀ,ଅଳକା ଏବଂ ସେମାନଙ୍କର ପୋଷା ଆଲ୍‌ସେସିଆନ୍, ଟାଫି ମଧ୍ୟ ସେମାନଙ୍କ ସହିତ ଥିଲେ ।

ଶୀଘ୍ର ସେମାନେ ସାଞ୍ଜଲର ବାପା ପରିଚାଳନା କରୁଥିବା ଚା' ବଗିଚା ଢେକିଆବାରି ଅଭିମୁଖେ କାର୍ ଛୁଟାଇ ଦେଲେ ।

ଘଣ୍ଟାକ ପରେ ହଠାତ୍ କାର୍‌ଟି ମୁଖ୍ୟରାସ୍ତା ଛାଡ଼ି ଅନ୍ୟ ଦିଗରେ ଗତି କରିବାକୁ ଲାଗିଲା । ସେମାନେ ଗାଈଗୋରୁ ପାର୍ ହେଉଥିବା ପୋଲ ଅତିକ୍ରମ କରି ଢେକିଆବାରି ଚା' ବଗିଚାରେ ପ୍ରବେଶ କଲେ ।

ରାସ୍ତାର ଉଭୟ ପାର୍ଶ୍ୱରେ ସମାନ ଉଚ୍ଚତାରେ ସୁନ୍ଦର ଭାବେ କଟାଯାଇଥିବା ଏକର ଏକର ବ୍ୟାପୀ ଚା' ବୁଦାଗୁଡ଼ିକ ରହିଥିଲା । ପ୍ଲାଷ୍ଟିକ୍ ଆପ୍ରନ୍ ପିନ୍ଧି ଦଳଦଳ ହୋଇ ସ୍ତ୍ରୀ ଲୋକମାନେ ପିଠିରେ ବାଉଁଶର ଝୁଡ଼ି ବାନ୍ଧି ନୂଆକରି କଅଁଳିଥିବା ପତ୍ର ତୋଳୁଥିଲେ ।

ଚା' ପତ୍ରରେ ବୋଝେଇ ହୋଇଥିବା ଟ୍ରେଲର୍‌କୁ ଟାଣୁଥିବା ଗୋଟିଏ ଟ୍ରାକ୍ଟର ଆସୁଥିବାର ଦେଖି ତାକୁ ବାଟ ଦେବା ଉଦ୍ଦେଶ୍ୟରେ ସାଞ୍ଜଲର ବାପା କାର୍‌ର ଗତି ମନ୍ଥର କରିଦେଲେ ।

ରଜବୀର ମିଷ୍ଟର ବରୁଆଙ୍କୁ ପଚାରିଲା—"ଏହା ହେଉଛି ଚା' ପତ୍ର କଅଁଳିବାର ସମୟ । ନୁହେଁ କି ?" ଏହା ମେ'ରୁ ଜୁଲାଇ ପର୍ଯ୍ୟନ୍ତ ରହେ ଏବଂ ସବୁଠାରୁ ଉତ୍କୃଷ୍ଟ ଚା' ଦିଏ ।"

ସାଞ୍ଜଲର ବାପା ଆଶ୍ଚର୍ଯ୍ୟ ହୋଇ କହିଲେ—"ତମେ ଆସିବା ପୂର୍ବରୁ ବେଶ୍ ପ୍ରସ୍ତୁତ ହୋଇ ଆସିଛ ।"

"ଆଜ୍ଞା ହଁ, ବରୁଆ ସାହେବ୍" । ରଜବୀର ସ୍ୱୀକାର କଲା । "କିନ୍ତୁ ମୁଁ ଏଠାରେ ଥିବା ଅବସ୍ଥାରେ ଅଧିକ ଜାଣିବାକୁ ଚାହେଁ ।"

"ମୋତେ ମଉସା-ଡାକ । ମୁଁ ତୁମକୁ ଏହି ଖରାବେଳେ ବଗିଚାର ଚାରିପଟେ ବୁଲେଇ ଦେଖେଇବି—ଚା' ଗଛ କିପରି ବଢ଼େ ।"

ସେମାନେ ଫାଟକ ଦେଇ ମ୍ୟାନେଜର ରହୁଥିବା କୋଠିଆଡ଼େ କାର୍

Digitized by srujanika@gmail.com

ନେଲେ । ପଚାଶବର୍ଷ ପୂର୍ବେ ଏକ ବ୍ରିଟିଶ ଚା’ ବଗିଚାର ମାଲିକ ଦ୍ୱାରା ତିଆରି ହୋଇଥିବା ଏହା ଏକ ଦ୍ୱିତଳପ୍ରାସାଦ ବିଶିଷ୍ଟ ବିସ୍ତୃତ କୋଠାଘର । ସେ କୋଠିର ବିସ୍ତୀର୍ଣ୍ଣ ପରିସର ଚାରିପଟେ ସମାନ ଭାବରେ କଟା ଯାଇଥିବା ଛୋଟ ଛୋଟ ବାର୍ଡ଼ଣ ଘେରା ଯାଇଥିଲା । ସାମ୍ନା ଲନ୍‌ଟିରେ ସତେ ଯେମିତି ସବୁଜ ଗାଲିଚା ବିଛା ଯାଇଥିଲା ଏବଂ ବଗିଚାଟି ନାଲି, ନେଳି, ହଳଦିଆ ପ୍ରଭୃତି ଫୁଟନ୍ତା ଫୁଲଗୁଡ଼ିକରେ ବର୍ଣ୍ଣାଢ୍ୟ ଦିଶୁଥିଲା ।

ବାରଣ୍ଡା ଉପରେ ବିଚିତ୍ରରଙ୍ଗର ଜାମାପିନ୍ଧା ଏକ ଅପରିଷ୍କାର ଓ ଦେ-ମାସ ଭଳି ଦିଶୁଥିବା ପିଲାଟିଏ ବସିଥିଲା । ପ୍ରାଞ୍ଜଳକୁ ଦେଖି ସେ ପିଲାଟିର ଦାନ୍ତଗୁଡ଼ିକ ସ୍ମିତ ହାସ୍ୟରେ ଉଜ୍ଜ୍ୱଳ ହୋଇଗଲା ।

ପ୍ରାଞ୍ଜଳ ପାଟିକରି କହିଲା—"ହାଲୋ ମଙ୍ଗଳା, ଆ-ମୋ ସାଙ୍ଗ ରଜବୀରକୁ ଦେଖା କର ।"

ମଙ୍ଗଳା ଦାନ୍ତ ଦେଖେଇ ହସି ହସି ଦଉଡ଼ି କରି ଆସିଲା ଏବଂ ରଜବୀର ସହିତ ହାତ ମିଳେଇଲା ।

"ଇଏ ହେଉଛି କାରଖାନାର ଚୌକିଦାରର ବିର୍‌ବିର ପୁଅ"—ପ୍ରାଞ୍ଜଳ କହିଲା । "ମଙ୍ଗଳା ଓ ମୁଁ ଏକାଠି ମିଶି ବେଶ୍ ମଜାକରୁ । ସେ ଛିଟ୍‌କିଣି ମାରିବାରେ ବେଶ୍ ଧୁରନ୍ଧର ଏବଂ ମାଛଧରା ବିଷୟରେ ସିଏ ଯାହା ଜାଣିନାହିଁ, ସେ ବିଷୟରେ ଜାଣିବା ମୂଲ୍ୟହୀନ ।"

ମଙ୍ଗଳା କହିଲା—"ମୁଁ ଶୀଘ୍ର ଯାଏ । କାରଣ ମୁଁ ସ୍ନେ କରିବା ଦଳରେ ଅଛି । ଖାଲି ଟିକିଏ ଦେଖା କରିଦେଇ ଫିବାକୁ ଆସିଲି । ସର୍ଦ୍ଦାର ଜାଣିଲେ ମୋତେ ଖାଇଦେବ ।"

ମଙ୍ଗଳା ଆନନ୍ଦରେ ହାତ ହଲେଇ ଚାଲିଗଲା ।

ଅପରାହ୍ଣରେ ଚା' ବଗିଚା ବୁଲି ଦେଖିବା ପାଇଁ ମିଷ୍ଟର ବରୁଆ ସଞ୍ଜୀବକୁ ସାଙ୍ଗରେ ନେଲେ । ପ୍ରାଞ୍ଜଳ, ଅଳକା ଏବଂ ଟାଫି ସେମାନଙ୍କ ସାଙ୍ଗରେ ଯୋଗ ଦେଲେ । ଢେକିଆବାରି ଆଠଶହ ଏକର ବିଶିଷ୍ଟ ଏକ ବିରାଟ ବଗିଚା । ତେଣୁ ସେମାନଙ୍କୁ ମିଃ ବରୁଆଙ୍କ ଜିପ୍‌ରେ ଯିବାକୁ ହେଲା ।

ମିଃ ବରୁଆ କହିଲେ—"ଆମେ ଚା' ଚାରା କଲମି ହେଉଥିବା ସ୍ଥାନରୁ ବାହାରିଲେ ଭଲ ହେବ, ଯେଉଁଠାରେ ଚାରା ଚାହାସବୁ ଲଗା ଯାଉଛି ।"

ଜିପ୍‌ରେ ଗଲାବେଳେ ମିଃ ବରୁଆ ସେମାନଙ୍କୁ ବୁଝାଇଲେ—"ଚାହା ଚାରାଗୁଡ଼ିକୁ ପ୍ରଚୁର ଯତ୍ନ ଆବଶ୍ୟକ । ସେଗୁଡ଼ିକୁ ମଜବୁତ୍ ତଥା ହୃଷ୍ଟପୁଷ୍ଟ କରି ରଖିବା ପାଇଁ ନାଇଟ୍ରୋଜେନ, ପୋଟାସ ଓ ଫସ୍‌ଫେଟ୍ ଆଦି ସାର-ଗୁଡ଼ିକୁ ନିୟମିତ ଭାବରେ ମାଟିରେ ଦେବାକୁ ପଡ଼େ ।"

"ଏହି ସାରଗୁଡ଼ିକ ମଧ୍ୟରେ ନାଇଟ୍ରୋଜେନ୍ ସବୁଠାରୁ ବେଶୀ ଦର-କାରୀ । ଅନ୍ୟ ଚାରାଗଛ ପରି ଚାହା ଗଛରୁ ଫଳ ତୋଳାଯାଏ ନାହିଁ । ପତ୍ର ତୋଳାଯାଏ । ପତ୍ରଗୁଡ଼ିକ ଗଛମାନଙ୍କର ରନ୍ଧନଶାଳା ହୋଇଥିବାରୁ ଗଛ ବଢ଼ିବା ପାଇଁ ନାଇଟ୍ରୋଜେନ୍ ସାର ଅତ୍ୟଧିକ ମାତ୍ରାରେ ଆବଶ୍ୟକ ।"

ସେ ପୁଣି କହିଲେ, "ତମେ ଜାଣିଛ ! ସେମାନେ ବେଳେବେଳେ ରେଡ଼୍-ରଷ୍ଟ, ବ୍ଲିଷ୍ଟର୍ ବ୍ଲାଇଟ୍ ଓ ବ୍ଲାକ୍ ରଟ୍ ଆଦି ରୋଗରେ ମଧ୍ୟ ଆକ୍ରାନ୍ତ ହୁଅନ୍ତି । ଆମକୁ ସେତେବେଳେ ଡାକ୍ତରଙ୍କ ପରି ରୋଗ ଚିହ୍ନି ଉପଯୁକ୍ତ ଔଷଧର ବ୍ୟବସ୍ଥା କରିବାକୁ ହୁଏ ।"

ଚା' ଚାରା କଲମି ସ୍ଥାନଟି ଗୋଟିଏ ପ୍ରଶସ୍ତ, ନୀଚା, ବାଉଁଶର କାନ୍ଥଥିବା ଘର, ଯାହାର ଛାତ ଖୁବ ପତଳା ଭାବରେ ଛପର କରାଯାଇଥିଲା । ଏହାର ଗୋଟିଏ ବିଭାଗରେ ଛୋଟ ଛୋଟ ମାଟିରେ ତିଆରି ଖଟପରି ଚଉତରା-ଗୁଡ଼ିଏ ଥିଲା ଓ ଅନ୍ୟ ଏକ ବିଭାଗରେ ହଜାର ହଜାର ହୃଷ୍ଟପୁଷ୍ଟ ଚାହା ଚାରା-ଗଛଗୁଡ଼ିକ ଗୋଟିଏ ଗୋଟିଏ ପଲିଥିନ୍ ବ୍ୟାଗ୍‌ରେ ରଖାଯାଇଥିଲା ।

ଗୋଟିଏ ପବ ଓ ଗୋଟିଏ ପତ୍ରରେ ଗଠିତ ଏକ ଛୋଟ ଡାଳ ମୂଳ ଗଛଠାରୁ କାଟି ନିଆଯାଇ କଲମି କରାଯାଉଥିଲା । କଲମି ପାଇଁ ଉଦ୍ଦିଷ୍ଟ ଏହି କଟା ଡାଳଗୁଡ଼ିକୁ ପଲିଥିନ୍ ବ୍ୟାଗରେ ଥିବା ଉର୍ବର ମାଟିରେ ରୋପଣ କରାଯାଉଥିଲା । ସେଗୁଡ଼ିକ ଦଶ ସପ୍ତାହ ମଧ୍ୟରେ ଗଜୁରୁ ଥିଲେ ଏବଂ ଏକ ବର୍ଷ ପରେ ସେହି ହୃଷ୍ଟପୁଷ୍ଟ ଚାରାଗୁଡ଼ିକୁ ରୋପଣ ଉଦ୍ଦେଶ୍ୟରେ

Digitized by srujanika@gmail.com

ବଗିଚାକୁ ସ୍ଥାନାନ୍ତରିତ କରାଯାଉଥିଲା ।

ମିଃ ବରୁଆ କହିଲେ, "ମଞ୍ଜି ଲଗାଇ ଚାଷ କରାଯାଉଥିବା ଚାରବିହାର-ଗୁଡ଼ିଏ ମଧ୍ୟ ଅଛି । କିନ୍ତୁ ଆଜିକାଲି ଚାଷୀମାନେ କଲମି ଚାଷକୁ ବେଶି ପସନ୍ଦ କରନ୍ତି । କଲମି ଚାଷରେ ଜନ୍ମ ନେଉଥିବା ନୂତନ ଚାରଗୁଡ଼ିକର ଶୁଦ୍ଧତା ରକ୍ଷା କରାଯାଏ । କାରଣ ଏଥିରେ ବହୁବିଧ ପରାଗ ସଙ୍ଗମ ହୁଏ ନାହିଁ । କଲମି ପ୍ରକ୍ରିୟା ଦ୍ୱାରା ପାଳନ କରାଯାଉଥିବା ପ୍ରତ୍ୟେକ ଚାହାଗଛ ତାହାର ମା'ଗଛର ସମସ୍ତ ଗୁଣ ବହନ କରିଥାଏ ।"

"ତେବେ ଆମେ କାହିଁକି ଚା' ମଞ୍ଜି ବ୍ୟବହାର କରିବା ?" ରାଜବୀର ପଚାରିଲା ।

"ନିୟନ୍ତ୍ରିତ ବହୁବିଧ ପରାଗ ସଙ୍ଗମ ପ୍ରକ୍ରିୟା ଦ୍ୱାରା ଉତ୍କୃଷ୍ଟ ଧରଣର ଅମଳକ୍ଷମ ଗଛ ଉତ୍ପାଦନ ପାଇଁ ମଞ୍ଜି ଦରକାର ହୁଏ । ଏତଦ୍‌ବ୍ୟତୀତ ମଞ୍ଜିରୁ ଚାରା ଉତ୍ପାଦନରେ ଖର୍ଚ୍ଚ କମ୍ ଓ ଏହା ଅତି ଅଳ୍ପ ଯତ୍ନ ଆବଶ୍ୟକ କରେ ।"

"ଆଚ୍ଛା ମଉସା, ସମ୍ପୂର୍ଣ୍ଣ ପାକଳ ଚା' ଗଛଟିଏ ହେବା ପାଇଁ ଗୋଟିଏ ଚାରା ଗଛ କେତେ ସମୟ ନିଏ ?"

"ପ୍ରଥମ ବର୍ଷଠାରୁ ପତ୍ର ତୋଳିବା କାର୍ଯ୍ୟ କରାଯାଇପାରେ । କିନ୍ତୁ ସମ୍ପୂର୍ଣ୍ଣ ପୋଖତ ହେବା ପାଇଁ ଗୋଟିଏ ଗଛକୁ ପ୍ରାୟ ପାଞ୍ଚ ବର୍ଷ ଲାଗେ । ଗୋଟିଏ

Digitized by srujanika@gmail.com

ଚା’ ଗଛର ଆୟୁଷ ଗୋଟିଏ ମଣିଷର ଆୟୁଷ ସହିତ ସମାନ—ପ୍ରାୟ ଷାଠିଏ ବର୍ଷ ।”

ସେମାନେ ସମସ୍ତେ ଜିପ୍ ନିକଟକୁ ଫେରି ଆସିଲେ । ମିଃ ବରୁଆ ସେମାନଙ୍କୁ ସଂକୀର୍ଣ୍ଣ ପାହାଡ଼ିଆ ବାଟରେ ଚଳେଇ ନେଲେ । ଗୋଟିଏ ଜାଗାରେ ଦଳେ ଲୋକ ଔଷଧ ସ୍ପ୍ରେ କରୁଥିଲେ । ମଙ୍ଗଳା, ଯିଏକି ସେମାନଙ୍କ ସହ ଥିଲା, ସେ ଚାଲିଗଲା ।

ଜିପ୍‌ଟିକୁ ସେହିଠାରେ ରଖି ମିଃ ବରୁଆ କହିଲେ—“ଆସ, ଆମେ ଏହିଠାରେ ଓହ୍ଲାଇ ପଡ଼ିବା ।”

ଚାହାବୁଦା ନିକଟକୁ ଯିବା ପାଇଁ ସେମାନଙ୍କୁ ଏକ ଗଭୀର ନାଳ ଅତିକ୍ରମ କରିବାକୁ ପଡ଼ିଲା । ଗୁଆ ଗଛର ସରୁଆ ଗଣ୍ଡିଟିଏ ନାଳ ଅତିକ୍ରମ କରିବାରେ ପୋଲ ଭଳି କାମ ଦେଲା । ନାଳଟିକୁ ଅତିକ୍ରମ କରିବାରେ ଯେତେବେଳେ ଅନ୍ୟମାନଙ୍କର କାହାରି ଅସୁବିଧା ହେଲା ନାହିଁ, ସେତେବେଳେ ରଜବୀର ଅସୁବିଧାରେ ପଡ଼ିଲା । ଅନିଚ୍ଛା ସତ୍ତ୍ୱେ ସେ କେତେପାଦ ଆଗକୁ ଯାଇ ମଝିରେ ଟଳଟଳ ହୋଇଗଲା ଏବଂ ଜଣେ ଦଉଡ଼ି ଉପରେ ଚାଲିବା ଲୋକ ଭଳି ଏପ-

Digitized by srujanika@gmail.com

ଟକୁ ସେପଟକୁ ଦୋହଲିବାକୁ ଲାଗିଲା । କିନ୍ତୁ ଯେତେବେଳେ ପଡ଼ିଯିବା ଭଳି ସେ ନିଜେ ଅନୁଭବ କଲା, ସେ ନିଜକୁ ସଜାଡ଼ି ନେଇ ଚାଲିବାକୁ ଆରମ୍ଭ କଲା ।

ତାହାର ଏପରି ପ୍ରଚେଷ୍ଟା ଦେଖି ସମସ୍ତେ ଜୋର୍‌ରେ ତାଳି ମାରି ତାକୁ ପ୍ରଶଂସା କଲେ । ଏପରିକି ଟାଫି ମଧ୍ୟ ଉଚ୍ଚ ସ୍ୱରରେ ଭୁକି ତାର ପ୍ରଶଂସା ଜଣାଇଦେଲା ।

“ଏତେଗୁଡ଼ିଏ ନାଳ ବଗିଚାଟିରେ କାହିଁକି ଏଣେ ତେଣେ ଖୋଳା ଯାଇଛି !” ରାଜବୀର ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ମିଃ ବରୁଆ ବୁଝାଇ ଦେଲେ ଯେ, “ସେଗୁଡ଼ିକ ଚା’ ବଗିଚାର ନାଳ ପ୍ରଣାଳୀର ଏକ ଅଂଶ । ଏକ ଗରମ ଓ ଆର୍ଦ୍ର ଜଳବାୟୁରେ ଓ ମଧ୍ୟମରୁ ଅତ୍ୟଧିକ ବୃଷ୍ଟିପାତରେ ଚା’ ଗଛ ଭଲ ବଢ଼େ । କିନ୍ତୁ ବର୍ଷା ପାଣି ଯଦି ଗଛ ମୂଳରେ ଜମା ହୋଇ ରହେ, ତେବେ ଗଛର ମୂଳଗୁଡ଼ିକ ପଚିଯାଏ ଏବଂ ଗଛ ମରିଯାଏ ।”

ସେମାନେ ଔଷଧ ସିଞ୍ଚୁଥିବା ଦଳଙ୍କ ପାଖରେ ପହଞ୍ଚିଲେ । ପ୍ରତ୍ୟେକ ଲୋକ ପିଠିରେ ଗୋଟାଏ ଲେଖାଏଁ ସ୍ପ୍ରେୟାର ବହନ କରିଥିଲେ । ସେମାନେ ପମ୍ପ ଲିଭରଟିକୁ ତଳ ଉପର କରି ପମ୍ପ ଦେଉଥିଲେ ଏବଂ ଔଷଧ ବାହାରୁ-ଥିବା ଜେଟ୍‌ଟିକୁ ଭୂଇଁ ଆଡ଼କୁ ମୁହାଁଇ ଧରିଥିଲେ ।

ମିଃ ବରୁଆ କହିଲେ—“ସେମାନେ ଦଳ ବିନାଶକାରୀ ଔଷଧ ସ୍ପ୍ରେ କରୁଛନ୍ତି । ଏହା ଯଦି କୀଟନାଶକ ଔଷଧ ହୋଇଥାଆନ୍ତା, ତେବେ ସେମାନେ ତାହାକୁ ଗଛ ଉପରେ ସିଞ୍ଚନ୍ତେ । ମିକାନିଆ, ଥାଚ୍‌ଗ୍ରାସ୍ ଓ ବାଗ୍ରାକୋଟ ଆଦି ଦଳ ଗଛଗୁଡ଼ିକୁ ଶୁଖି ପକାନ୍ତି ଓ ସେମାନଙ୍କ ଅଭିବୃଦ୍ଧିର ବେଗକୁ ମନ୍ଥର କରିଦିଅନ୍ତି ।”

“ଆପଣ କୀଟନାଶକ ଔଷଧ କଥା କହିଲେ । କୀଟମାନେ କ’ଣ କୌଣସି ଚାହା ଗଛକୁ ଆକ୍ରମଣ କରନ୍ତି ?” ରାଜବୀର ପଚାରିଲା ।

“ହଁ, ଲୁପର, ଗ୍ରୀନ୍‌ଫ୍ଲାଇ, ଥ୍ରୀପ୍ ଓ ନିଟିଲଗ୍ରବ୍ ଇତ୍ୟାଦି ଗଛର ଅନେକ କ୍ଷତି କରନ୍ତି ।”

ମଙ୍ଗଳା ସବୁଦିନ ପରି ଦାନ୍ତ ନିକୁଟି ନିକୁଟି ସେମାନଙ୍କ ନିକଟକୁ ଶୀଘ୍ର ଚାଲି ଆସିଲା ।

ଆମେ କାଲି ନଦୀରେ ପହଁରିବା ପାଇଁ ଯାଉଛୁ । ତୁମେ ଆସିବ କି ?” ପାଞ୍ଚାଳ ମଙ୍ଗଳାକୁ ପଚାରିଲା ।

Digitized by srujanika@gmail.com

Digitized by srujanika@gmail.com

ମଙ୍ଗଳା କହିଲା—"ହଁ" । "କେତେବେଳେ ?"

"ଅପରବେଳା । କାଲି ସକାଳେ ବାପା ରଣବୀରକୁ କାରଖାନା ଦେଖାଇବାକୁ ନେବେ ।"

"ଠିକ୍ ଅଛି", ମଙ୍ଗଳା କହିଲା । "ତାପରେ ଆମେ ହୁଏତ କିଛି ମାଛ ଧରିପାରିବା । ମୁଁ କେତେଗୁଡିଏ ମାଛଧରା ଜାଲ ବିଛେଇ ଦେଇ ଆସିଛି, ଯାହାକୁ ତନଖି ଦେଖିନେବା ଦରକାର ।"

ଦଳେ ନାଳିଅଣ୍ଡ ଥିବା ଶୁଆ ଉପରେ ଶବ୍ଦକରି ଉଡିଗଲେ ଏବଂ ଗୋଟିଏ ଛାଇଥିବା ଗଛ ଉପରେ ଆଶ୍ରୟ ନେଲେ । ଦଳେ ଚିଲ ନିର୍ମଳ ନୀଳ ଆକାଶରେ ବୃତ୍ତାକାରରେ ଝପୁଥିଲେ ଏବଂ ଦୂରରେ ଧଳା ବଗଟିଏ ନୀଡ ଅଭିମୁଖେ ଉଡି ଯାଉଥିଲା ।

Digitized by srujanika@gmail.com

ସେମାନେ ମଙ୍ଗଳାକୁ ବିଦାୟ ଜଣାଇ ଜିପ୍ ନିକଟକୁ ଫେରି ଆସିଲେ । ଅପରାହ୍ଣର ଶେଷଭାଗର ତିର୍ଯ୍ୟକ୍ ସୂର୍ଯ୍ୟରଶ୍ମି ଅତ୍ୟୁଚ୍ଚ ଛାୟାପୂର୍ଣ୍ଣ ଗଛଗୁଡିକ ମଧ୍ୟରେ ପ୍ରତିଫଳିତ ହୋଇ ଚା’ ବୁଦା ଉପରେ ଏକ ସମ୍ମୋହନକାରୀ ଛାଇ ଓ ଆଲୁଅର ସମ୍ଭାର ସୃଷ୍ଟି କରୁଥିଲା । ରଞ୍ଜବୀର ଛାୟାଗଛଗୁଡିକର ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ ଉପରେ ମନ୍ତବ୍ୟ ଦେଲା ।

ମିଃ ବରୁଆ କହିଲେ—“ସେଗୁଡିକ ମଧ୍ୟ ଦରକାରୀ । ସେଗୁଡିକ ସୂର୍ଯ୍ୟରଶ୍ମିକୁ ନିୟନ୍ତ୍ରଣ କରନ୍ତି ଓ ଚା’ ଗଛଗୁଡିକର ପତ୍ରକୁ 25ରୁ 35 ଡିଗ୍ରୀ ସେଲସିଅସ୍ ମଧ୍ୟରେ ଠିକ୍ ଉତ୍ତାପରେ ରଖନ୍ତି । ଚା’ ଛେଉଗୁଡିକୁ ଯଦି ସୂର୍ଯ୍ୟ କିରଣ ସାମ୍ନାରେ ସିଧାସଳଖ ରଖିଦିଆଯିବ, ତେବେ ପତ୍ରଗୁଡିକର ଉତ୍ତାପର ମାତ୍ରା 40 ଡିଗ୍ରୀକୁ ବଢିଯିବ ଓ ପତ୍ରଗୁଡିକ ପୋଡିଯାଇ କଳା ପଡିଯିବ ।”

“କିନ୍ତୁ ମଉସା, ଗଛଗୁଡିକ ବଢିବା ପାଇଁ ସୂର୍ଯ୍ୟକିରଣ ଅତ୍ୟାବଶ୍ୟକ ନୁହେଁ କି ?” ରଞ୍ଜବୀର ଆପତ୍ତି ଜଣାଇଲା ।

“ହଁ, ସତ, କିନ୍ତୁ ଏହାର ମାତ୍ରା ଅଧିକ ହୋଇଗଲେ ନଷ୍ଟ କରିଦେବ । ଛାୟାପୂର୍ଣ୍ଣ ଗଛଗୁଡିକ ଉତ୍ତର-ଦକ୍ଷିଣ ଦିଗରେ ଧାଡି ଧାଡି କରି ଲଗାଯାଇଥାଏ । ଯେତେବେଳେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି, ଗଛଗୁଡିକର ପଶ୍ଚିମରେ ଥିବା ଚା’ବୁଦାଗୁଡିକ ଛାଇ ପାଆନ୍ତି । ଅପରବେଳା ପୂର୍ବ ଦିଗରେ ଥିବା ବୁଦାଗୁଡିକ ଛାଇରେ ରହନ୍ତି । ତେଣୁ ସୂର୍ଯ୍ୟକିରଣ ସମାନ ଭାବରେ ବିଭକ୍ତ ହୋଇଥାଏ । ଛାୟାଗଛଗୁଡିକ ମଧ୍ୟ ଶ୍ରମିକମାନଙ୍କୁ ଛାଇ ଯୋଗାଇଥାଏ ।

“କିନ୍ତୁ ଶୀତଦିନେ କ’ଣ ହୁଏ ?” ରଞ୍ଜବୀର ପଚାରିଲା । ଏହି ଗଛଗୁଡିକ କ୍ଷୀଣ ସୂର୍ଯ୍ୟାଲୋକ ପାଇବାରୁ ଚା’ ବୁଦାଗୁଡିକୁ ବଞ୍ଚିତ କରନ୍ତି ନାହିଁକି ?”

“ପ୍ରକୃତରେ ତାହା ନୁହେଁ । ଛାୟାଗଛଗୁଡିକୁ ଆମେ ସାବଧାନତାର ସହିତ ବାଛୁ । ଉଦାହରଣ ସ୍ୱରୂପ—ଆଲ୍‌ବିଜିୟା, ଓଡୋରେଟିସିମା । ସେମାନେ ପ୍ରାୟ ଅକ୍ଟୋବର ମାସ ଆଡକୁ ପତ୍ରଝଡା ଦିଅନ୍ତି, ଯେତେବେଳେ ଶୀତଋତୁ ଆରମ୍ଭ ହୁଏ । ତା’ପରେ ମାର୍ଚ୍ଚ ମାସ ଆଡକୁ ଏହି ଗଛଗୁଡିକରେ ନୂଆପତ୍ର କଅଁଳେ ଯେଉଁଗୁଡିକ ଗ୍ରୀଷ୍ମ ଦିନେ ଛାୟା ପ୍ରଦାନ କରନ୍ତି ।”

Digitized by srujanika@gmail.com

ଯାହାହେଲେ ବି ରଜବୀର ଏଥିରେ ସନ୍ତୁଷ୍ଟ ହୋଇ ପାରିଲା ନାହିଁ । "କିନ୍ତୁ ସେଗୁଡ଼ିକ ଏତେ ବଡ଼ ହୋଇଛନ୍ତି, କ'ଣ ମାଟିର ଉର୍ବରତା କମାଇ ଦିଅନ୍ତି ନାହିଁ ?" ସେ ପଚାରିଲା ।

"ଅପରପକ୍ଷରେ ସେଗୁଡ଼ିକ ଯବକ୍ଷାରଜାନ ଯୋଗାଇ ଦେଇ ମାଟିର ଉର୍ବରତା ବଢ଼ାନ୍ତି । ଯେଉଁ ପତ୍ରଗୁଡ଼ିକ ଗଛରୁ ଝଡ଼ିଯାଏ, ସେଗୁଡ଼ିକ ମଧ୍ୟ ଖତ ହୋଇ ମୃତ୍ତିକାର ଉର୍ବରତା ଆହୁରି ବଢ଼ାନ୍ତି । ଏହା ବଗିଚାରେ ପ୍ରତ୍ୟେକ ଜିନିଷର କିଛି ନା କିଛି ଆବଶ୍ୟକତା ରହିଛି । ବିନା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରାଯାଏ ନାହିଁ । କିନ୍ତୁ ଆଜି ପାଇଁ ବହୁତ ପ୍ରଶ୍ନ ହୋଇ-ଗଲାଣି । ଚାଲ, ଘରକୁ ଯିବା ଏବଂ କପେ ଭଲ......

"ଚା' ତ ? ଆଉ କ'ଣ ହୋଇପାରେ !" ପ୍ରାଞ୍ଜଳ କହିଲା ଏବଂ ସେମାନେ ସମସ୍ତେ ହସି ଉଠିଲେ ।

ପରେ ରାତି ହେବାରୁ ପିଲାମାନେ ପ୍ରଥମ ମହଲାର ବାରଣ୍ଡା ଉପରେ ବସିଗଲେ । ଶହଶହ ଜୁଳୁଜୁଳିଆ ପୋକ ଅନ୍ଧାରରେ ମିଞ୍ଜିମିଞ୍ଜି ଆଲୁଅ ଦେଉଥିଲେ । ପେଚାଟିଏ ଗଛରେ ବସି ହୋ ହୋ ହେଉଥିଲା ଏବଂ ମୃଦୁ ଶୀତଳ ପବନରେ ପାଖ ବସ୍ତିରୁ ଝୁମୁରୁ ଗୀତ ସେମାନଙ୍କ ପାଖକୁ ଭାସି ଆସିଲା ।

ହଠାତ୍ ରଜବୀର କିଛି ଦୂରରେ ଗୋଟିଏ ଏକ ଆଶ୍ଚର୍ଯ୍ୟ ଆଲୁଅର ଝଲକ ଦେଖିପାରିଲା । ସେହି ଆଲୁଅଟି ଦୂରରେ ଲୁଚକାଳି ଖେଳୁଥିବା ପରି ଜଣାଗଲା । କେତେବେଳେ ତାହା ଖୁବ ବଡ଼ ହୋଇ ଯାଉଥାଏ ତ କେତେ-ବେଳେ ପୁଣି ଛୋଟ ହୋଇ ଯାଉଥାଏ ।

"ଆରେ, ସେଇଟା କ'ଣ ?" ରଜବୀର ଚମକିପଡ଼ି ପାଟିକଲା ।

"ଗୋଟାଏ ଡାଆଣୀ ଆଲୁଅ !" ପ୍ରାଞ୍ଜଳ କହିଲା ।

"ଡାଆଣୀଗୁଡ଼ିକ ହେଲେ ବୁଢ଼ା କୃପଣ ଲୋକମାନଙ୍କର ଭୂତ, ଯେଉଁ-ମାନେ ପୋତାସୁନାକୁ ଜଗି ରହନ୍ତି ।" ଅଳକା ଧୀର ସ୍ୱରରେ ବୁଝାଇ ଦେଲା ।

"ଭୂତ ?" ରଜବୀର ଭୟଭୀତ ହୋଇ ପଚାରିଲା ।

"ଫୁଃ !" ପ୍ରାଞ୍ଜଳ ବିଦ୍ରୂପ କରି କହିଲା, କିନ୍ତୁ ସେଥିରେ ତାର ବିଶ୍ୱାସ ନଥିଲା । "ଡାଆଣୀ ଆଲୁଅ ସବୁ ଗ୍ୟାସୀୟ ପଦାର୍ଥ ଦ୍ୱାରା ପରିପୁଷ୍ଟ ଅଗ୍ନି ପିଣ୍ଡୁଳା ।"

"ବୋକାଙ୍କ ପରି ହୁଅ ନାହିଁ", ଅଳକା କହିଲା । "ବୁଢ଼ୀ ଜଳେଶ୍ୱରୀ

Digitized by srujanika@gmail.com

Digitized by srujanika@gmail.com

ମୋତେ କହିଥିଲା ଯେ, ଏହିପରି ଗୋଟିଏ ଡାଆଣୀ ଆଲୁଅ ତା' ଆଖି ଆଗରେ ଗୋଟିଏ ବୁଢ଼ା ମଣିଷ ପାଲଟି ଯିବାର ସେ ଦେଖିଛି ।"

ଏହାପରେ ଯେଉଁ ନୀରବତା ଖେଳିଗଲା, ଯାଞ୍ଚଳର ପିତାମାତାଙ୍କ ଉପସ୍ଥିତିରେ ତାହା ଭଙ୍ଗ ହେଲା ।

"ଚା' ବଗିଚାରେ ସମସ୍ତଙ୍କର ଜୀବନ ନିଶ୍ଚିତ ଭାବରେ ଖୁବ ଶାନ୍ତ ଏବଂ ଘଟଣାବିହୀନ ହୋଇଥିବ", ରାଜବୀର ସେମାନଙ୍କୁ ମନ୍ତବ୍ୟ ଦେଲା ।

"ହଁ, ଠିକ୍, ବେଳେ ବେଳେ ବିପଦ ମଧ୍ୟ ରହିଛି", ମିଃ ବରୁଆ କହିଲେ । "ଉଦାହରଣ ସ୍ୱରୂପ, ଗୋଖର ଭଳି ବିଷଧର ସର୍ପ । ତମେ ତ ଜାଣ ପ୍ରଥମେ ଇଂରେଜମାନେ ଆସାମରେ ଠିକ୍ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ବନ୍ୟ ଚା' ଗଛ ଆବିଷ୍କାର କଲେ ଏବଂ ସେଇମାନେ ମଧ୍ୟ ଗଛ ଲଗାଇବା ଆରମ୍ଭ କଲେ । ସେହି ସମୟରେ ସେମାନଙ୍କୁ କଲେରା, ମହାମାରୀ ଆଦି ସଂକ୍ରାମକ ରୋଗ ଏବଂ ତା' ସହିତ ବନ୍ୟ ହିଂସ୍ରଜନ୍ତୁ ଓ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ପରିସ୍ଥିତିର ଉନ୍ନତି ଘଟିଛି, ହେଲେ ଆମମାନଙ୍କ ମନରୁ ଉତ୍ତେଜନା ଯାଇନାହିଁ ।"

Digitized by srujanika@gmail.com

ମିସେସ୍ ବରୁଆ କହିଲେ, "ଚିତାବାଘ ବିଷୟରେ ସେମାନଙ୍କୁ କିଛି କୁହ ।"

"ଚିତାବାଘ ?" ରାଜବୀର ଉଦ୍‌ବେଗର ସହିତ ପଚାରିଲା ।

"ବେଳେ ବେଳେ ହିଂସ୍ରଜନ୍ତୁମାନେ ପାଖ ଜଙ୍ଗଲ ଭିତରୁ ଏହି ଆଡକୁ ବୁଲିବା ପାଇଁ ଚାଲି ଆସନ୍ତି ।" ମିଃ. ବରୁଆ କହିଲେ । "ଏବଂ ସେମାନେ ବଗିଚା ମଧ୍ୟରେ ହଇଚଇ ସୃଷ୍ଟି କରନ୍ତି । ଦୁଇବର୍ଷ ତଳେ ମୁଁ ଗୋଟିଏ ମହାବଳବାଘକୁ ଗୁଳିକରି ମାରିଦେଇଥିଲି, ଯେଉଁଟାକି ଗୋଟିଏ ମଣିଷଖିଆ ବାଘରେ ପରିଣତ ହୋଇ ଯାଇଥିଲା । ହିଂସ୍ର ହାତୀମାନେ ମଧ୍ୟ ସମୟେ ସମୟେ ଆସି କ୍ଷୟକ୍ଷତି ଘଟାଇଥାଆନ୍ତି ।"

"ଗତ ପନ୍ଦରଦିନ ଧରି ଗୋଟିଏ ଚିତାବାଘ ଆମ ବଗିଚାରେ କାମ କରୁଥିବା ଶ୍ରମିକମାନଙ୍କୁ ଭୟଭୀତ କରାଇ ଆସୁଥିଲା । ସାଓ୍ଵନା ନାମକ ଜଣେ ସର୍ଦ୍ଦାର ମୋତେ କହିଲା ଯେ, ସେହି ଚିତାବାଘଟି ତା' ଘର ନିକଟରେ ଗତ ରାତିରେ ବୁଲୁଥିଲା ଏବଂ ତା'ର ଗୋଟିଏ ବଳଦକୁ ଉଠାଇ ନେଇ ଯାଇଥିଲା ।"

"ସର୍ଦ୍ଦାର କିଏ ?" ରାଜବୀର ପଚାରିଲା ।

ମିଃ. ବରୁଆ ବୁଝାଇଦେଲେ, "ଚା' ଚାଷ ପାଇଁ ଏକ ବିସ୍ତୃତ କ୍ଷେତ୍ର ଆବଶ୍ୟକ ଏବଂ ହଜାର ହଜାର ଶ୍ରମିକଙ୍କୁ ଏହା କାମ ଯୋଗାଏ । ତେଣୁ ସୁବିଧା ଦୃଷ୍ଟିରୁ ଶ୍ରମିକମାନଙ୍କୁ ଅନେକ ଦଳରେ ବିଭକ୍ତ କରାଯାଇଛି ଏବଂ ପ୍ରତ୍ୟେକ ଦଳ ବିଭିନ୍ନ କାର୍ଯ୍ୟ କରନ୍ତି । ଏହି ଶ୍ରମିକ ଦଳର ନେତାକୁ ସର୍ଦ୍ଦାର କହନ୍ତି । ସେ ହେଉଛି ସେହି ଦଳର ଅଧିନାୟକ ।"

"ବାପା, ଆପଣ କ'ଣ ସେହି ଚିତାବାଘକୁ ଧରିବା ପାଇଁ ଚେଷ୍ଟାକରି ନାହାନ୍ତି କି ?" ସାଞ୍ଜଲ ପଚାରିଲା ।

"ହଁ, ମୁଁ ବଗିଚାରେ ତିନିରାତି ଧରି ଜଗି ରହିଲି । କିନ୍ତୁ ତାକୁ ଦେଖି-ବାକୁ ପାଇଲି ନାହିଁ । ମୁଁ ମଧ୍ୟ ଗୋଟିଏ ଛେଳିକୁ ବାଜି ରୂପେ ରଖିଲି । କିନ୍ତୁ ବାଘ ସେଥିରେ ପ୍ରଲୋଭିତ ହେଲା ନାହିଁ । ସେ ଗୋଟିଏ ଅତି ଧୂର୍ତ୍ତ ଜନ୍ତୁ । ତେଣୁ ଗୋଟିଏ ହେଲେ ପାଦଚିହ୍ନ ଛାଡ଼ି ଯାଇନାହିଁ । ଆମର ଶ୍ରମିକ-ମାନେ ଏତେ ଭୟଭୀତ ହୋଇ ଯାଇଛନ୍ତି ଯେ, ସେମାନେ ରାତିରେ ବାହା-ରକୁ ଯିବା ପାଇଁ ଡରୁଛନ୍ତି ।"

ରାଜବୀର ଆହୁରି ଅଧିକ ଶୁଣିବା ପାଇଁ ଇଚ୍ଛା କରୁଥିଲା । କିନ୍ତୁ ସେତିକିବେଳେ ରାତ୍ରିଭୋଜନ ପାଇଁ ଡାକରା ଆସିଲା ।

Digitized by srujanika@gmail.com

ତା' ପରଦିନ ସକାଳେ ସେମାନେ ସମସ୍ତେ ସକାଳ ଜଳଖିଆ ପାଇଁ ବସି-ଗଲେ ।

"ରଞ୍ଜବୀର, ତୁମେ ଚା'ରେ ଅଧିକ କ୍ଷୀର ଭଲପାଅ କି ?" ମିସେସ୍ ବରୁଆ ପଚାରିଲେ ।

"ନା, ଧନ୍ୟବାଦ ମାଉସୀ । ମୁଁ ଖାଲି ଚା' ଖାଇବାକୁ ଭଲପାଏ ।"

"ଘଟ", ମିଃ. ବରୁଆ କହିଲେ । "ଚା'ର ସ୍ୱାଦ କେବଳ ଭିନ୍ନ ଭିନ୍ନ ଲୋକଙ୍କ ପାଇଁ ଭିନ୍ନ ନୁହେଁ, ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ । ଆମେ ଚିନି ଏବଂ କ୍ଷୀର ପକାଇ ଚା' ପ୍ରସ୍ତୁତ କରୁ । କିନ୍ତୁ ଚୀନ୍ ଓ ଜାପାନର ଲୋକେ ଏପରି କରନ୍ତି ନାହିଁ । ସେମାନେ ସବୁଜ ଚା' ପିଅନ୍ତି ।"

"ସବୁଜ ଚା' କ'ଣ ?" ରଞ୍ଜବୀର ଜାଣିବାକୁ ଚାହିଁଲା ।

"ମୁଖ୍ୟତଃ ତିନିପ୍ରକାର ଚା' ପ୍ରସ୍ତୁତ କରାଯାଏ । ଅର୍ଥୋଡକ୍ସ, ସି.ଟି.ସି ଏବଂ ଗ୍ରୀନ୍ ଟି । ଗ୍ରୀନ୍ ଟି ବା ସବୁଜ ଚା' କ୍ଷେତ୍ରରେ ଚା' ପତ୍ରଗୁଡ଼ିକୁ ଗରମ ପାଣିରେ ପକାଇ ଦିଆଯାଏ, ଯାହାଦ୍ୱାରା ସମସ୍ତ ପାଚକରସ ମରିଯାଏ ଏବଂ ତା' ପରେ ଶୁଖିଯାଏ । ତେଣୁ ଅମ୍ଳୀଭବନ ନହେବା ଦ୍ୱାରା ଚା'ର ମୌଳିକ ଉପାଦାନଗୁଡ଼ିକ ନଷ୍ଟ ହୁଏ ନାହିଁ ।"

"ଚୀନା ଓ ଜାପାନୀମାନେ ଏହି ସବୁଜ ଚାହା ପ୍ରସ୍ତୁତ କରନ୍ତି ଓ ଏଥିରେ କ୍ଷୀର କିମ୍ବା ଚିନି ନମିଶାଇ ପିଅନ୍ତି । ବେଳେବେଳେ ସୁଗନ୍ଧ ପାଇଁ ଏଥିରେ ଗଙ୍ଗଶିଉଳିର କଢ଼ ପକାଇ ଦିଆଯାଏ । ଜାପାନୀମାନେ ଚା' ପାନକୁ ଏକ ବ୍ୟାପକ ଚଳଣି ରୂପେ ଧରି ନେଇଛନ୍ତି, ଯାହା ତାଙ୍କର ଜୀବନ ଓ ସଂସ୍କୃ-ତିକୁ ଗଭୀର ଭାବରେ ପ୍ରଭାବିତ କରିଛି ।"

ଅଳକା ପଚାରିଲା, "ବାପା ତୁରନ୍ତ ପ୍ରସ୍ତୁତ ହୋଇ ପାରୁଥିବା ଚା' ଅଛି ନା ?"

"ହଁ, ଠିକ୍ ତୁରନ୍ତ ପ୍ରସ୍ତୁତକାରୀ କଫି ଭଳି । ତୁମେ କେବଳ ଚା' ଥଳି-ଟିକୁ କପେ ଗରମ ପାଣିରେ ବୁଡ଼ାଇଦିଅ । ଚା' ବିଶେଷଜ୍ଞମାନେ ମଧ୍ୟ ବୋତଲ ଭିତରେ ଉନ୍ନତ ଅଙ୍ଗାରମ୍ଳଯୁକ୍ତ ଚା' ପ୍ରସ୍ତୁତ କଲେଣି । ତେଣୁ କୌଣସି ହାଲୁକା ପାନୀୟ ପରି ତୁମେ ଏକ ବୋତଲ ଥଣ୍ଡା ଚା' ମଧ୍ୟ ପିଇ ପାରିବ ।"

Digitized by srujanika@gmail.com

"ତା'ପରେ ସେମାନେ କ'ଣ ଚିନ୍ତା କରିବେ ?" ସାଗରଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ପ୍ରତ୍ୟେକ ଦିନ କିଛି ନା କିଛି ନୂଆ ଜିନିଷ ଉଦ୍ଭାବନ କରାଯାଉଛି ।" ମିଃ. ବରୁଆ କହିଲେ । "ସେ କଥା ଥାଉ, ଆସ, ଆମେ ବର୍ତ୍ତମାନ ଚା' କାରଖାନା ଆଡ଼େ ଯିବା ।"

ଠିକ୍ ସେହି ସମୟରେ ଜଣେ ଲୋକ "ବରୁଆ ସାହେବ", "ବରୁଆ ସାହେବ" ବୋଲି ଖୁବ ଜୋର୍‌ରେ ପାଟି କରି କରି ଦୌଡ଼ି ଦୌଡ଼ି ଆସି ସେଠାରେ ପହଞ୍ଚିଲା ।

"ସେ ହେଉଛି ମଙ୍ଗଳାର ବାପା ବିର୍‌ଚି", ସାଗରଙ୍କ ରାଜବୀରକୁ ଜଣାଇ ଦେଲା ।

"ବରୁଆ ସା'ବ୍, ଗୋଦାମ ଘରୁ ଚୋରି ହୋଇ ଯାଇଛି ।" ବିର୍‌ଚି ଅଣନିଃଶ୍ୱାସୀ ହୋଇ କହିଲା । "କେହି ଜଣେ ଚା' ବାକ୍‌ସଗୁଡ଼ିକୁ ଚୋରାଇ ନେଇଯାଇଛି ।"

"କ'ଣ ହେଲା ?" ମିଃ. ବରୁଆ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । "ସେଠାରେ କେତୋଟି ଚା' ସିନ୍ଦୁକ ରହିଥିଲା ?"

"ମୁଁ ଜାଣେ ନାହିଁ ବରୁଆ ସା'ବ ! ସେଗୁଡ଼ିକ ପଠାଇବା ଦାୟିତ୍ୱରେ ଥିବା କିରାଣୀ ହେଜାବାବୁ ଆପଣଙ୍କୁ ଡାକି ନେଇଯିବା ପାଇଁ ମୋତେ ପଠାଇଲେ ।"

ମିଃ ବରୁଆ ଟେଲିଫୋନ୍ କରି ପୋଲିସକୁ ଚୋରି ବିଷୟରେ ଜଣାଇ ଦେଲେ । ତା'ପରେ ସେ ଏବଂ ପିଲାମାନେ ସମସ୍ତେ ଗୋଦାମଘର ଆଡ଼କୁ ଜିପ୍‌ରେ ଗଲେ ।

ସେହି ପ୍ରକାଣ୍ଡ କାରଖାନାରେ ପରିସର ଗୋଟିଏ କଣ୍ଟାଳିଆ ତାରବାଡ଼ ଦ୍ୱାରା ବନ୍ଦ କରାଯାଇଥିଲା । ଗୋଦାମ ଘରଟି ଗୋଟିଏ କୋଣରେ ରହିଥିଲା । ମୁଖ୍ୟ କାରଖାନା ଘରଟି ଟିକିଏ ଦୂରରେ ।

ଗୋଦାମ ଘର ସାମ୍ନାରେ ସେତେବେଳକୁ କେତେକ ଲୋକ ଜମା ହୋଇ ସାରିଥିଲେ । ବଗିଚାର ତିନିଜଣଯାକ ସହକାରୀ ପରିଚାଳକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ମାଲପତ୍ର ପଠାଇବା ଦାୟିତ୍ୱରେ ଥିବା ହେଜା-ବାବୁ ମିଃ ବରୁଆଙ୍କ ନିକଟକୁ ଦୌଡ଼ି ଆସିଲେ ।

"ସାର୍, ଚାଳିଶଟି ଚା' ବାକ୍‌ସ ହଜି ଯାଇଛି ।" ସେ କହିଲେ ।

Digitized by srujanika@gmail.com

"ମୋତେ ବିଶଦ ବିବରଣୀ ଦିଅ", ମିଃ ବରୁଆ ସଂକ୍ଷେପରେ କହିଲେ ।

"ସାର୍, ଆଜି ସକାଳେ ସେହି ଚାହା ବାକ୍ସଗୁଡ଼ିକ ପଠାଯିବାର ଥିଲା । ଗତକାଲି ସନ୍ଧ୍ୟାବେଳେ ମୁଁ ନିଜେ ସାମ୍ନା ଦୁଆରରେ ତାଲା ପକାଇଥିଲି । ସେଇଟି ଗୋଦାମ ଘରକୁ ଥିବା ଏକମାତ୍ର ପ୍ରବେଶ ପଥ । ଆଜି ସକାଳେ ମୁଁ ଯେତେବେଳେ ଘର ଖୋଲେ, ଦେଖିଲି ଯେ ଘର ଶୂନ୍ୟ । ଆଶ୍ଚର୍ଯ୍ୟର କଥା ଯେ, କବାଟରେ ପଡ଼ିଥିବା ତାଲା ସେହିଭଳି ଅକ୍ଷତ ଅବସ୍ଥାରେ ଅଛି ।"

"କେତେ ପରିମାଣର ବାକ୍ସ ଥିଲା ?"

"ସାର୍, ପ୍ରତ୍ୟେକରେ ପଚାଶ କିଲୋଗ୍ରାମ୍ ।"

"ତାହାହେଲେ ମୋଟ ଦୁଇହଜାର କିଲୋଗ୍ରାମ୍ ଚାହାଗୁଣ୍ଡ ଥିଲା । ଯେହେତୁ ଏହା ସବୁଠାରୁ ଉତ୍କୃଷ୍ଟ ଗୁଣର ଚାହା, କ୍ଷତିର ପରିମାଣ ପ୍ରାୟ ପଚାଶ ହଜାର ଟଙ୍କାର ହେବ ।"

"ପ୍ରାୟ, କାହିଁକି ମଉସା ?" ସେଗୁଡ଼ିକର ମୂଲ୍ୟ କ'ଣ ନିର୍ଦ୍ଦିଷ୍ଟ ନୁହେଁ କି ?" ରାଜବୀର ମଝିରେ ପଚାରିଲା ।

ମିଃ ବରୁଆ ତରତରରେ କିନ୍ତୁ ଧୈର୍ଯ୍ୟର ସହିତ କହିଲେ, "ଦେଖ ରାଜବୀର, ଚା' ସବୁ ବଜାରରେ ବିକ୍ରୟ କରାଯାଏ ନାହିଁ । ଆମେ ଗୌହାଟୀ କିମ୍ବା କଲିକତାର ନିଲାମ କେନ୍ଦ୍ରରେ ଥିବା ଦଲାଲମାନଙ୍କ ପାଖକୁ ପଠାଇ ଦେଉ । ଚା' ବିଶେଷଜ୍ଞମାନେ ସେଠାରେ ଚା'ର ନମୁନା ଦେଖନ୍ତି ଓ ଦରଦାମ୍ ସ୍ଥିର କରନ୍ତି । ସେହି ମୂଲ୍ୟକୁ ମୂଳମୂଲ୍ୟ ହିସାବରେ ରଖି ଚା' ସବୁ ତା'ପରେ ସବୁଠାରୁ ବେଶି ନିଲାମଧାରୀଙ୍କୁ ବିକ୍ରୀ କରାଯାଏ ।"

ମିଃ ବରୁଆ ତା'ପରେ ବ୍ୟଗ୍ରଭାବରେ କାରଖାନାର ଜଗୁଆଳୀ ବିର୍ବିକୁ ଡାକିଲେ ଓ ପଚାରିଲେ, "ତୁମେ କାଲି ରାତିରେ କୌଣସି ପ୍ରକାର ଅସ୍ୱାଭାବିକତା ଲକ୍ଷ୍ୟକଲ କି ?"

"ନା, ବରୁଆ ସାହେବ । କେହି ଜଣେ ହେଲେ ଗୋଦାମ ଘରଆଡେ କାଲି ଯାଇ ନଥିଲେ ।"

"ଆଚ୍ଛା, ତୁମେ କ'ଣ ନିଶ୍ଚିତ ଯେ, ତୁମେ ଘୁମାଇ ନଥିଲ ?"

"ଆପଣ ଏକଥା କିପରି କହୁଛନ୍ତି ସା'ବ ! ସାଓ୍ନା ଯେଉଁ ଚିତାବାଘ

Digitized by srujanika@gmail.com



ଦେଖିଥିଲି, ସେକଥା ଚିନ୍ତାକରି ମୁଁ ଏବେ ଅଧିକ ସତର୍କ ରହୁଛି ।''

ସେମାନେ ଗୋଦାମ ଘରେ ପ୍ରବେଶ କଲେ । ଏହା ଗୋଟିଏ ଏକ ବଖରା ବିଶିଷ୍ଟ କୋଠାଘର ଥିଲା । ତାର ଚଟାଣ ଚିକ୍‌କଣ ପଟା ଦ୍ୱାରା ତିଆରି ହୋଇଥିଲା । ସେ ଘରେ କୌଣସି ଝରକା ନଥିଲା । ବାୟୁ ପ୍ରବେଶ କରିବାର ସମସ୍ତ ପଥ ଅବରୁଦ୍ଧ କରାଯାଇଥିଲା ।

ଘରର ଗୋଟିଏ କୋଣରେ ମାଲ୍ ଖଲାସ ଦାୟିତ୍ୱରେ ଥିବା କିରାଣୀର

Digitized by srujanika@gmail.com

ଛୋଟ ଟେବୁଲଟିଏ ପଡିଥାଏ । ଗୋଟିଏ ଟେବୁଲକ୍ଲଥ ତା'ଉପରେ ପଡି-
ଥାଏ, ଯାହାର ଗୋଟିଏ ପଟ ତଳେ ଲୋଟୁଥାଏ । ନହେଲେ ଗୋଦାମ ଘର
ସମ୍ପୂର୍ଣ୍ଣ ଶୂନ୍ୟ ଥିଲା ।

ରଜବୀର ଓ ଯାଞ୍ଚଳ ଉତ୍ତେଜନାର ସହିତ ପରସ୍ପର ଦୃଷ୍ଟି ବିନିମୟ
କଲେ । ଅନେକଗୁଡିଏ ରହସ୍ୟ ଉପନ୍ୟାସ ପଢି ସେମାନେ ଯେଉଁ ଜ୍ଞାନ
ଆହରଣ କରିଥିଲେ, ସେସବୁର ବାସ୍ତବ ଉପଯୋଗିତା ପାଇଁ ଏହା ଥିଲା
ଏକ ସୁଯୋଗ ।

ମିଃ ବରୁଆ ଓ ଅନ୍ୟମାନେ ସେତେବେଳେ ବିଭିନ୍ନ କଥାବାର୍ତ୍ତାରେ
ମଗ୍ନ ଥିଲେ । ପିଲାମାନେ ଗୋଦାମ ଘରର ଚାରିଆଡେ ବୁଲି କୌଣସି ପ୍ରକା-
ରର ସୂତ୍ର ଖୋଜିବାରେ ଲାଗିପଡିଲେ ।

ଯାଞ୍ଚଳ ଘରର ଚାରିପଟର ଚଟାଣ ପରୀକ୍ଷା କରୁ କରୁ ହଠାତ୍ ରଜ-

Digitized by srujanika@gmail.com

ବୀର ଓ ଅଳକାକୁ ସେଠାକୁ ଆସିବା ପାଇଁ କହିଲା ।

ସେହି ଢାଗାର ଚଟାଣ ଉପରେ ଯୋଡ଼ିଏ ଅସ୍ପଷ୍ଟ ଓ ମଇଳା ପାଦଚିହ୍ନ ପଡ଼ିଥିଲା ।

"ଅଳକା, ଏଠାରେ ଶେଷଥର ପାଇଁ କେବେ ବର୍ଷା ହୋଇଥିଲା ?" ପ୍ରାଞ୍ଜଳ ପଚାରିଲା ।

"ପ୍ରାୟ ଏକ ସପ୍ତାହ ପୂର୍ବେ ।"

"ଖୁବ୍ ରହସ୍ୟଜନକ", ପ୍ରାଞ୍ଜଳ କହିଲା । "ସପ୍ତାହେ ହେବ ଏଠାରେ ବର୍ଷା ହୋଇନାହିଁ । ବାହାରେ ଭୂଇଁ ଅତ୍ୟନ୍ତ କଠିନ । ଅଥଚ ଏଠାରେ କାଦୁଅ ଚିହ୍ନ ପଡ଼ିଛି, କାରଣ କାହାରି ଗୋଡରେ ବୋଧେ କାଦୁଅ ଲାଗି ଯାଇଛି ।"

"ହଁ, ଏହା ବି ଏକ ମୁଖ୍ୟ ସୂତ୍ର ହୋଇପାରେ", ରାଜବୀର କହିଲା ।

ସେମାନେ ବୃଥାରେ କିଛିକ୍ଷଣ ଖୋଜାଖୋଜି କଲେ । ତା'ପରେ ଗୋଟିଏ ସ୍ଥାନରେ ହଳଦିଆ ମାଟି ଗୁଳାଟିଏ ପଡ଼ିଥିବାର ରାଜବୀର ଦେଖିଲା । ସେମାନେ ତାହାକୁ ମିଃ ବରୁଆଙ୍କ ନିକଟକୁ ନେଲେ ।

"ଆଜ୍ଞା, ମଉସା, ବଗିଚାରେ କି ପ୍ରକାର ମାଟି ଅଛି ?"

"ବାଲିଆ, ପଙ୍କୁଆ, ଓ କ୍ଷାରୀୟ"; ମିଃ ବରୁଆ ସାମାନ୍ୟ ବିବ୍ରତ ହୋଇ ଉତ୍ତର ଦେଲେ । କିନ୍ତୁ ତା'ପରେ ପୁଣି ଧୈର୍ଯ୍ୟର ସହ ସେ ବୁଝାଇ ଦେଲେ, "ଦୋଆଁଶ ମାଟିରେ ସମାନ ଭାଗର ମାଟି ଓ ବାଲି ମିଶି ରହିଥାଏ । କିନ୍ତୁ ଏହି ବାଲିଆ, ପଙ୍କୁଆ ମାଟିରେ ମାଟି ଅପେକ୍ଷା ବାଲିର ଭାଗ ଅଧିକ । ଗୁହା ବୃକ୍ଷ ପାଇଁ ଏହା ହିଁ ଉତ୍କୃଷ୍ଟ ମାଟି । କାରଣ ଏଥିରେ ପାଣି ପରିଷ୍କୃତ ହୋଇପାରେ ।"

"ତାହାହେଲେ ଏହି ହଳଦିଆ ମାଟିଗୁଳାଟି ଗୋଦାମ ଘରର ଚଟାଣ ଉପରକୁ କିପରି ଆସିଲା ?"

ମିଃ ବରୁଆ ମାଟିଗୁଳାଟିକୁ ପରୀକ୍ଷା କରିବାକୁ ଲାଗିଲେ । ଏହା କେବେ-ହେଲେ ସେହି ବଗିଚାର ମାଟି ନଥିଲା । ସେ ଏହି ବିଷୟରେ ଚିନ୍ତା କରୁ-ଥିବା ସମୟରେ ପୋଲିସ୍ ଆସି ପହଞ୍ଚିଲେ ।

ସେ ମାଟିଗୁଳାଟିକୁ ରାଜବୀରକୁ ଫେରାଇ ଦେଲେ ଓ ଥାନାର ଭାର-ପ୍ରାପ୍ତ ଅଫିସର ମିଃ କୋଟୋକିଙ୍କୁ ସମ୍ଭୋଳିବାକୁ ଆଗେଇ ଗଲେ । ରାଜବୀର ଯତ୍ନର ସହିତ ଗୋଟିଏ କାଗଜରେ ସେହି ମାଟିଗୁଳାଟିକୁ ଗୁଡାଇ ତାର

Digitized by srujanika@gmail.com

ପକେଟ୍‌ରେ ରଖିଲା ।

ସାମ୍‌ନା ଦୁଆର ନଖୋଲି ଚୋରମାନେ କିପରି ଘର ଭିତରେ ପ୍ରବେଶ କରିଛନ୍ତି, ସେକଥା ଜାଣି ଥାନାର ପୋଲିସ୍ ଅଫିସର କୋଟୋକି ବାବୁ ଖୁବ୍ ବିଚଳିତ ହୋଇ ପଡିଲେ ।

ସେ ମିଃ ବରୁଆଙ୍କୁ କହିଲେ, "ମୁଁ ଚାରିପଟେ ବୁଲି ଦେଖି ଏହାର ଅନୁସନ୍ଧାନ କରିବି ।"

"ଆମେ କିଛି ସୂତ୍ର ପାଇ ସାରିଲୁଣି", ରାଜବୀର ଅଣନିଃଶ୍ୱାସୀ ହୋଇ କହିଲା । "ଆପଣ ସେସବୁକୁ ଦେଖିବେ କି ?"

"ବାପା, ଆମେ ଅନୁସନ୍ଧାନ କାର୍ଯ୍ୟରେ ସାହାଯ୍ୟ କରିପାରିବୁ କି ?" ଅାଞ୍ଚଳ ପଚାରିଲା ।

କୋଟୋକିଙ୍କର ମୁହଁ କ୍ରୋଧରେ ଲାଲ ହୋଇଗଲା । ସେ ବିରକ୍ତ ହୋଇ କହିଲେ, "ମିଃ ବରୁଆ, ଅପରାଧୀମାନଙ୍କୁ ଧରିବା ପିଲାଖେଳ ନୁହେଁ । ଦୟାକରି ଆପଣ ଏହି ପିଲାମାନଙ୍କୁ ମୋ ରାସ୍ତାରୁ ଦୂରେଇ ରଖନ୍ତୁ ।"

"ସେ ଠିକ୍ କହୁଛନ୍ତି", ମିଃ ବରୁଆ କହିଲେ । "ପିଲାମାନେ, ତୁମେ ଏହି ସରକାରୀ ଅନୁସନ୍ଧାନରେ ହସ୍ତକ୍ଷେପ କରନାହିଁ । ତୁମେ ତୁମର ପୂର୍ବ ଯୋଜନା ଅନୁସାରେ ନଈକୁ ପହଁରିବାକୁ ଯାଅ । ମୁଁ ଆଜି କୌଣସି ପ୍ରକାରେ ତୁମକୁ କାରଖାନା ବୁଲାଇ ଦେଖାଇ ପାରିବି ନାହିଁ ।"

ଅଳକା ଏବଂ ଅନ୍ୟମାନେ ଏକଥା ଶୁଣି ବିରକ୍ତ ଓ ବିମର୍ଷ ହୋଇ ସେଠାରୁ ଚାଲିଗଲେ ।

Digitized by srujanika@gmail.com

5

ସେମାନଙ୍କର ଯେହେତୁ ଆଉ କିଛି କାମ ନଥିଲା, ସେମାନେ ନଈକୁ ପହଁରିବା ପାଇଁ ଯିବାକୁ ସ୍ଥିର କଲେ । ସେମାନେ ବାହାରେ ମଙ୍ଗଳାକୁ ଭେଟିଲେ ଓ ତାକୁ ସାଙ୍ଗରେ ନେଲେ । ବସାଘର କୋଠାକୁ ଫେରିବା ବାଟରେ ସେମାନେ ମଙ୍ଗଳାକୁ ସେହି ହଳଦିଆ ମାଟିଗୁଳା ବିଷୟରେ କହିଲେ । କାରଖାନା ଦେଖିବାର ଯୋଜନା ବଦଳିଯିବାର କଥା ସେମାନେ ଶ୍ରୀମତୀ ବରୁଆଙ୍କୁ କହିଲେ ଏବଂ ଟାଫିକୁ ଧରି ଢେକିଆବାରି ବଗିଚାର ଦକ୍ଷିଣ ପାର୍ଶ୍ୱରେ ବହିଯାଉଥିବା ନଈଆଡେ ପହଁରିବା ପାଇଁ ଗଲେ ।

ବଗିଚା କାମରେ ଏହି ଶୃଙ୍ଖଳ୍ୟକର ଘେରି କୌଣସି ପ୍ରଭାବ ପକେଇ ନଥିଲା । ଚା’ ବୁଦା ମଧ୍ୟରେ ତୋଳାଳୀମାନେ ପତ୍ର ତୋଳିବାରେ ବ୍ୟସ୍ତ ଥିଲେ ।

“ତୁମର ତୋଳାଳୀମାନେ ଏତେ ମାନ୍ଦା ! ମୁଁ ଅଧା ସମୟରେ ଏହାର ଦୁଇଗୁଣ ତୋଳି ଦେଇ ପାରିବି ।” ରଜବୀର କହିଲା ।

ମଙ୍ଗଳା ଭାରି ଖୁସି ହୋଇଗଲା । ଦାନ୍ତ ଦେଖାଇ ସେ ହସିବା ମଧ୍ୟରେ ତା’ର ପ୍ରକୃତ ରୂପ ଲୁଚିଗଲା ।

“ହୋ ହୋ, ତୁ ତା’ହେଲେ ଏପରି ଭାବୁଛୁ !” ଆସ୍ । ମୋ ବାପାଙ୍କ ଭଉଣୀ ସୁଖମଣି ସେଠାରେ ଅଛନ୍ତି । ଆସ୍, ଦେଖିବା, କିଏ ଶୀଘ୍ର ତୋଳି ପାରୁଛି, ତୁ କିମ୍ବା ସେ ।”

“ସୁଖୁଅପା, ରଜବୀର କିଛି ପତ୍ର ତୋଳିବା ପାଇଁ ରହୁଁଛି । ସେ ଚେଷ୍ଟା କରୁ ।”

ସେମାନେ ଚା’ ବୁଦା ମଧ୍ୟରେ ପ୍ରବେଶ କଲେ । ପତ୍ର ତୋଳୁଥିବା ବୟସ୍କ ତୋଳାଳୀମାନେ ତାଙ୍କୁ ହସି ହସି ସ୍ୱାଗତ ଜଣାଇଲେ ।

ରଜବୀର ଏହି ଆହ୍ୱାନକୁ ଗ୍ରହଣ କଲା । ଦୁଇ ମୁଠାରେ ଦୁଇ ପୁଳା ପତ୍ର ଧରି ସେ ଶୀଘ୍ର ସେଗୁଡ଼ିକୁ ଛିଣ୍ଡାଇ ପକାଇଲା ।

“ସେପରି ନୁହେଁ ଛୋଟ ସା’ବ୍”, ସୁଖମଣି କହିଲେ । ଯେତେ ପତ୍ର ତୁମେ ଧରିପାରିବ, ସେତେ ପତ୍ର ଛିଣ୍ଡାଅ ନାହିଁ । ତୁମେ ଦ୍ୱିତୀୟ ଓ ତୃତୀୟ ପତ୍ରର ମଝିରେ ଥିବା ପବକୁ ଛିଣ୍ଡାଇ କେବଳ ଗୋଟିଏ କଢ଼ ଓ ଦୁଇଟି ପତ୍ର ତୋଳ । ଦେଖ, ଏହିପରି ।”

କେବଳ ଦୁଇଟି ଆଙ୍ଗୁଠି ସାହାଯ୍ୟରେ ସେ ଦୁଇଟି ପତ୍ର ଓ ଗୋଟିଏ

Digitized by srujanika@gmail.com

କଢ଼ଥିବା ଡାଳକୁ ଛିଣ୍ଡାଇ ରାଜବୀର ହାତକୁ ଦେଲେ । ଯେହେତୁ ପତ୍ର-ଗୁଡ଼ିକ ନୂଆକରି କଅଁଳି ଅତ୍ୟନ୍ତ କୋମଳ ଓ ଚିକ୍‌କଣ ଥିଲା । କଢ଼ଟି ପ୍ରକୃତରେ କଢ଼ ନୁହେଁ, ତାହା ଫୁଟି ନଥିବା ଏକ ପତ୍ର ।

"ପ୍ରତି ବର୍ଷ ବର୍ଷା ଋତୁରେ ନୂଆ ପତ୍ର କଅଁଳେ ।" ସୁଖମଣି ବୁଝାଇ ଦେଲେ । "ପୁରୁଣା ପତ୍ରକୁ ଛାଡ଼ି କେବଳ ଏହି ନୂଆପତ୍ରଗୁଡ଼ିକ ଚା' ତିଆରି ପାଇଁ ବ୍ୟବହୃତ ହୁଏ । ତୁମେ ଯଦି ଦୁଇଟି ବ୍ୟତୀତ ଅଧିକ ପତ୍ର ତୋଳି ଦେବ, ତେବେ ଚାହାର ଗୁଣ ନଷ୍ଟ ହୋଇଯିବ ।"

"ସେଥିପାଇଁ ଚା' ବୁଦାଗୁଡ଼ିକ ଏପରି ଝଙ୍କାଳିଆ ହୋଇଛି ।" ମଙ୍ଗଳା କହିଲା । "ଗୋଟିଏ ଚାରା ଗଛର ଅଗ୍ରଭାଗକୁ ଯଦି ଛିଣ୍ଡାଇ ଦିଆ ନଯାଏ, ତେବେ ତାହା ଖୁବ୍ ଡେଙ୍ଗା ହୋଇଯିବ । ଅଗ୍ରଭାଗର କଅଁଳ ପତ୍ରଗୁଡ଼ିକୁ ଛିଣ୍ଡାଇବା ଦ୍ୱାରା ଚାରା ଗଛଗୁଡ଼ିକ ଏପରି ବୁଦାଳିଆ ହୋଇଛନ୍ତି । ଝଙ୍କାଳିଆ ବୁଦାରେ ଅନେକ ନୂଆ କଅଁଳ ପତ୍ର ହେବାଦ୍ୱାରା ତାହା ଛିଣ୍ଡାଇବା ପାଇଁ ଉପଯୁକ୍ତ ହୁଏ ।"

"ତାହା ଠିକ", ସୁଖମଣି କହିଲେ । "ବୁଦାଗୁଡ଼ିକୁ ମଧ୍ୟ ଅଣ୍ଟାଯାଏଁ ଉଚ୍ଚା ହେବାପାଇଁ ସୁଯୋଗ ଦିଆଯାଏ, ଯାହା ଦ୍ୱାରା ଆମେ ଖୁବ୍ ସହଜରେ ଦକ୍ଷତାର ସହିତ ତୋଳି ପାରିବୁ ।"

"ଏହାପରେ ମୁଁ ଚୁପ୍ ରହିବି", ସେମାନେ ସମସ୍ତେ ଆଗକୁ ଚାଲିଲା-ବେଳେ ରାଜବୀର ପ୍ରତିଜ୍ଞା କଲା ।

ବଗିଚାର ଶେଷ ଆଡ଼କୁ ମାଟି ରାସ୍ତାଟିଏ ଥିଲା, ଯେଉଁଠାରେ କୌଣସି ଚାରା ବୁଦା ନଥିଲା । ଏଠାରେ ପ୍ରଶସ୍ତ ପାଖୁଡ଼ା ଆକାରର ପତ୍ରଥିବା ଚା' ଗଛ ଉତ୍ପନ୍ନ ହେଉଥିଲା ।

"ସେହି ହେଉଛି ଗୁଆଟେମାଳା", ପ୍ରାଞ୍ଜଳ କହିଲା । ଏହା ଏକ ପ୍ରକାର ସବୁଜ ଫସଲ ଯାହା କି ମୃତ୍ତିକା ପ୍ରସ୍ତୁତି ପାଇଁ ଆବଶ୍ୟକ । ଚା' ଚାଷ ପ୍ରସ୍ତୁତ ହେଉଥିବା ଜାଗାରେ ତୁମେ ଯେଉଁସବୁ ଚାଷ ଚାରାଗଛ ଦେଖିଲ, ସେଗୁଡ଼ିକୁ ଏଠାରେ ଲଗାଯିବ । ଗୁଆଟେମାଳା, ମିମୋସା ଏବଂ ସିଟ୍ରୋନେଲା ଇତ୍ୟାଦି ସବୁଜ ଫସଲଗୁଡ଼ିକ ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ କ୍ଷୁଦ୍ର କୀଟାଣୁ ସୃଷ୍ଟି କରନ୍ତି ।"

"ସିଟ୍ରୋନେଲା ? ଏହା କ'ଣ ଏକ ଘାସ ନୁହେଁ କି, ଯେଉଁଥିରୁ ତେଲ ବାହାରେ ?"

Digitized by srujanika@gmail.com

"ହଁ, ଏହି ଘାସର ଗୋଟିଏ ସୁନ୍ଦର ଲେମ୍ବୁରସ ପରି ବାସ୍ନା ଅଛି, ଯାହା ସାବୁନ୍ ଏବଂ ଅତର ତିଆରିରେ ବ୍ୟବହାର କରଯାଏ । ବ୍ୟାବସାୟିକ ଦୃଷ୍ଟିରୁ ଏହାକୁ ବହୁ ବଗିଚାରେ ଆଜିକାଲି ଚାଷ କରଯାଉଛି ।"

ସେମାନେ ଯାଇ ଚା ବଗିଚାର ପରିସୀମାରେ ଦିଆଯାଇଥିବା ତାର-ବାଡ ନିକଟରେ ପହଞ୍ଚିଲେ । ଗୋଟିଏ ଲୁହା ଫାଟକ ଉପରେ ଚଢ଼ି, କିଛି

Digitized by srujanika@gmail.com

କାଦୁଅ ରାସ୍ତା ପାର୍ ହୋଇ ନଈ ପାଖରେ ଯାଇ ପହଞ୍ଚିଲେ ।

ପାଖ ଜମିମାନଙ୍କୁ ବନ୍ୟାରୁ ରକ୍ଷା କରିବା ପାଇଁ ନଈର ଦୁଇ ପାର୍ଶ୍ୱରେ ଦୁଇଟି ଉଚ୍ଚ ମାଟି ବନ୍ଧ କରାଯାଇଥାଏ । ପିଲାମାନେ ସେହି ବନ୍ଧ ଉପରେ ଚଢ଼ିବାକୁ ଆରମ୍ଭ କଲେ । ରାଜବୀର ଯେତେବେଳେ ଉପରେ ପହଞ୍ଚିଲା ସେ ବିସ୍ମୟାଭିଭୂତ ହୋଇଗଲା ଓ ସେଠାରେ ମାଟିକୁ ପରୀକ୍ଷା କରିବା ପାଇଁ ନଇଁ ପଡ଼ିଲା ।

ଗୋଦାମ ଘରୁ ପାଇଥିବା ମାଟିଗୁଳାଟି ସେ ପକେଟ୍‌ରୁ ବାହାର କଲା । ଏଥିରେ କିଛି ସନ୍ଦେହ ନଥିଲା, ଦୁଇଟିଯାକ ମାଟି ଏକା ପ୍ରକାରର ହଳଦିଆ ଥିଲା ।

"ଚୋରମାନେ ଏଠାକୁ ଆସିଥିଲେ ।" ରାଜବୀର ଉତ୍ତେଜିତ ହୋଇ କହିଲା ।

"ମାଟି କଠିନ ଅଛି । ଓଦା ନହେଲେ ଏହା ଯୋତାରେ ଲାଗିବ

Digitized by srujanika@gmail.com

Digitized by srujanika@gmail.com

ନାହିଁ ।" ପ୍ରାଞ୍ଜଳ କହିଲା ।

"ଏଥିରୁ ଗୋଟିଏ କଥା ବୁଝାଯାଉଛି । ଚୋରମାନେ ନିଶ୍ଚିତ ଭାବରେ ନଦୀରେ କିଛି ସମୟ ରହିଥିଲେ ।" ଅଳକା କହିଲା ।

ନୂଆ ପାଇଥିବା ସୂତ୍ରଟିକୁ ପିଲାମାନେ ମନରେ ରଖିଲେ ଓ ଗାଧୋଇବା ପାଇଁ ନଈରେ ପଶିଲେ । ଅଳକା ଏବଂ ଟାପି ବନ୍ଧ ଉପରେ ଏଣେତେଣେ ବୁଲିଲେ ।

ହଠାତ୍ ଅଳକାର ପାଦରେ ଗୋଟିଏ ଉଚା ପଥର ଧକ୍କା ଦେବାରୁ ସେ ଝୁଣ୍ଟି ପଡ଼ିଲା ଓ ପଡ଼ିଗଲା । ସେ ଗଡ଼ି ଗଡ଼ି ବନ୍ଧ ଉପରୁ ନଦୀ ଭିତରକୁ ଖସିଗଲା ଓ ଚିତ୍କାର କରିବାକୁ ଲାଗିଲା ।

କିନ୍ତୁ ଶେଷ ମୁହୂର୍ତ୍ତରେ ତା'ର ଥରିଲା ହାତ ଦୁଇଟି ଗୋଟିଏ ବୁଦାକୁ ଧରି ପକାଇଲା । ଗୋଟିଏ ଢାଲୁ ଜାଗାରେ ସେ ସେହି ବୁଦାକୁ ଦୁଇ ହାତରେ ଧରି ଠିକ୍ ପାଣି ଉପରକୁ ଓହଳି ରହିଲା ।

ଅଳକାର ଆର୍ତ୍ତ ଚିତ୍କାର ଓ ଟାପିର ଭୁକିବା ଶୁଣି ପିଲାମାନେ ନଈ ଭିତରୁ ଦଉଡ଼ି ଆସିଲେ ।

"ଅଳକା, ତୁ ଧରିଥା, ଆମେ ଯାଉଛୁ ।" ପ୍ରାଞ୍ଜଳ କହିଲା ।

କିନ୍ତୁ ସେମାନେ ପହଞ୍ଚିବା ପୂର୍ବରୁ ସେହି ବୁଦାଟି ଅଳକାର ଓଜନକୁ ଧରି ରଖି ନପାରି ଉପୁଡ଼ିଗଲା ଓ ଅଳକା ଖସିଯାଇ ପାଣି ଭିତରେ ପଡ଼ିଗଲା ।

ଭୀତତ୍ରସ୍ତ ବାଳକମାନେ ଉତ୍କଣ୍ଠାର ସହିତ ପାଣିରେ "ଢବ୍" କରି ଶବ୍ଦ ଶୁଣିବା ପାଇଁ ଅପେକ୍ଷା କରିଥିଲେ, କିନ୍ତୁ ସେମାନେ 'ଧଡ଼୍' କରି ଏକ ଶବ୍ଦ ଶୁଣିଲେ । ମୁହୂର୍ତ୍ତକ ଭିତରେ ଅଳକା ବିଷର୍ଣ୍ଣ ମାତ୍ର ଅକ୍ଷତ ଅବସ୍ଥାରେ ଠିଆ ହୋଇଗଲା ।

ବାଳକମାନେ ତାକୁ ଅବିଶ୍ୱାସରେ ଚାହିଁଲେ । ତା'ର ଗୋଡ ପାଣି ଭିତରେ ଆଣ୍ଠୁ ପର୍ଯ୍ୟନ୍ତ ବୁଡ଼ି ରହିଥିଲା । ସେ ପାଣିରେ ଠିଆ ହୋଇଥିବା ପରି ଜଣା ଯାଉଥିଲା ।

ସେମାନେ ଯେତେବେଳେ ତା' ନିକଟରେ ପହଞ୍ଚିଲେ, ସବୁ ରହସ୍ୟ ଜଣା ପଡ଼ିଲା । ପାଣି ଭିତରେ ସାବଧାନରେ ଲୁଚାଇ ଏକ କାଠ ତିଆରି ଡଙ୍ଗା କୂଳରେ ବନ୍ଧା ଯାଇଥିଲା । ଅଳକା ଠିକ୍ ତାହାରି ଭିତରକୁ ସିଧା ଖସି ପଡ଼ିଥିଲା ।

"ତୁ ଠିକ୍ ଅଛୁ, ଭଗବାନଙ୍କୁ ଧନ୍ୟବାଦ !"

"ଓହୋ ! ତୋ କଥା ଭାବି ଆମେ କେତେ ଡରିଗଲୁ !"

"ମୋତେ ଏକଥା ଭାବି ସନ୍ଦେହଜନକ ଜଣା ପଡ଼ୁଛି", ମଙ୍ଗଳା ଚିନ୍ତା-

Digitized by srujanika@gmail.com

Digitized by srujanika@gmail.com

କରି କହିଲା ।

"କାହିଁକି ? କୂଳରେ ବନ୍ଧା ହୋଇଥିବା ଡଙ୍ଗା ସମ୍ବନ୍ଧରେ ଏତେ ସନ୍ଦେହ କରିବାର କ'ଣ ଅଛି ? ଏହି ପାଖ ଆଖରେ ପ୍ରାୟ ଡଜନେ ଖଣ୍ଡେ ଡଙ୍ଗା ଥିବ ।" ଅଞ୍ଜନ କହିଲା ।

"ସତ କଥା", ମଙ୍ଗଳା ଉତ୍ତର ଦେଲା । କିନ୍ତୁ ଏହି ଡଙ୍ଗାଟି ପରି କେହି ଡଙ୍ଗାକୁ ପାଣି ଭିତରେ ଲୁଚାଇ ରଖେ ନାହିଁ ।"

"ମୁଁ ସବୁକିଛି ବୁଝିବାକୁ ଆରମ୍ଭ କରିଛି" । ରଞ୍ଜବୀର କହିଲା । "ଆମେ ଶୀଘ୍ର ଏହି ସ୍ଥାନଛାଡ଼ି ଚାଲିଯିବା ଭଲ ହେବ ।"

ସେମାନେ ଶୀଘ୍ର ଦଳ ସାହାଯ୍ୟରେ ପୂର୍ବପରି ଡଙ୍ଗାଟିକୁ ପାଣିରେ ଲୁଚାଇ ଦେଲେ ଓ ଘରକୁ ବାହାରିଲେ । ବସାଘର ନିକଟରେ ପହଞ୍ଚିଲା ବେଳକୁ ସମସ୍ତେ ବୁଝିଲେ ଯେ, କିଛି ବିଶେଷ କଥା ଆଜି ଘଟିଛି ।

ଚାହାପଗ୍ର ତୋଳାଳୀମାନେ କାମ ଛାଡ଼ି ଦଳଦଳ ହୋଇ ଠିଆ ହୋଇ ବିଭିନ୍ନ ଅଙ୍ଗଭଙ୍ଗୀ କରି ଉତ୍ତେଜିତ ଅବସ୍ଥାରେ କ'ଣ ସବୁ କଥାବାର୍ତ୍ତା ହେଉଥିଲେ ।

ସୁଖମଣି ଦୌଡ଼ି ଦୌଡ଼ି ମଙ୍ଗଳା ପାଖକୁ ଆସିଲେ । ସେ ଅତ୍ୟନ୍ତ ବିମର୍ଷ ଜଣାପଡୁଥିଲେ ।

"ମଙ୍ଗଳା, ପୋଲିସ୍ ତୋ ବାପାଙ୍କୁ ଓ ଡେକା ବାବୁଙ୍କୁ ଗିରଫ କରି ନେଇଛନ୍ତି । ସେମାନେ କହନ୍ତି ଯେ, ଏହି ଦୁଇଜଣ ଚା ବାକ୍ସଗୁଡ଼ିକୁ ଚୋରାଇ ନେଇଛନ୍ତି ।"

ମଙ୍ଗଳା ଏହାଶୁଣି ଅବାକ୍ ହୋଇଗଲା । ତା' ଆଖିରେ ଲୁହ ଛଳଛଳ ହୋଇ ଆସିଲା । ଅଞ୍ଜନ ତା କାନ୍ଧରେ ହାତ ପକାଇ ଗୋଟାଏପଟକୁ ଆଉ-ଡାଇ ଆଣିଲା ।

"ଆଜି ତିନିଟାବେଳେ ଆମଘର ପଛପଟେ ଥିବା କାଠଘର ପାଖକୁ ଆସିବୁ ।" ସେ ଫୁସଫୁସ କରି କହିଲା, "ଆମେ ଏକ ଜରୁରୀ ବୈଠକରେ ମିଳିତ ହେବା ।"

Digitized by srujanika@gmail.com

ମଧ୍ୟାହ୍ନ ଭୋଜନ ସମୟରେ ମିଃ ବରୁଆ କହିଲେ, ମୁଁ ନିଶ୍ଚିତ ଯେ, ଢେକା ଓ ବିର୍‌ଚି ନିର୍ଦ୍ଦୋଷ । ଉଭୟେ ଏହି ବଗିଚାରେ କୋଡ଼ିଏ ବର୍ଷରୁ ଅଧିକ କାମ କରିଛନ୍ତି ।

"ତେବେ ପୋଲିସ କାହିଁକି ସେମାନଙ୍କୁ ଗିରଫ କରିଛନ୍ତି ?" ପ୍ରାଞ୍ଜଳ ପଚାରିଲା ।

"ପୋଲିସ ଅଫିସର ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଯେହେତୁ ସାମ୍ନା ଦୁଆର ନଖୋଲି କେହି ଗୋଦାମ ଘରେ ପ୍ରବେଶ କରିପାରିବେ ନାହିଁ, ତେଣୁ ଦୁଆର ନିଶ୍ଚୟ ଖୋଲାଯାଇଛି ଏବଂ ଚା ବାକ୍ସ ବାହାର କରି-ନେଲା ପରେ ଆଉଥରେ ବନ୍ଦକରି ଦିଆଯାଇଛି । ତେଣୁ ଢେକା ପାଖରେ ଚାବି ଥିବାରୁ ତାକୁ ଓ ଚୌକିଦାର ବିର୍‌ଚିକୁ ଗିରଫ କରାଯାଇଛି ।"

ପ୍ରାଞ୍ଜଳ କିଛି କହିବାକୁ ଯାଉଥିଲା, ମାତ୍ର ରାଜବୀରଠାରୁ କିଛି ସତର୍କ ସୂଚନା ପାଇ ନୀରବ ରହିଲା ।

ପରେ ଅପରବେଳା ପିଲାମାନେ ଘର ପଛ ପାଖରେ ଥିବା କାଠଘରେ ଏକତ୍ରିତ ହେଲେ । ମଙ୍ଗଳା ଖୁବ ଦୁଃଖୀ ଜଣା ଯାଉଥାଏ ।

ରାଜବୀର କହିଲା—"ଚାଲ, ଘଟଣାଗୁଡ଼ିକ ସମ୍ପର୍କରେ ଚିନ୍ତା କରିବା ଏବଂ କିଛି ସିଦ୍ଧାନ୍ତରେ ପହଞ୍ଚିବା ।"

"ଧରିନିଆଯାଉ ଢେକା ନିର୍ଦ୍ଦୋଷ", ପ୍ରାଞ୍ଜଳ କହିଲା, "ତାହେଲେ ଚୋରମାନେ ଦୁଆର ତାଲାକୁ କୌଣସି ନକଲି ଚାବିରେ ଖୋଲିପାରି ଥାଆନ୍ତି ।"

"କିନ୍ତୁ ମୋ ବାପା ଦେଖିଥାଆନ୍ତେ ଓ ସତର୍କ ଘଣ୍ଟି ବଜାଇ ଥାଆନ୍ତେ ।" ମଙ୍ଗଳା ଜଣାଇଲା ।

"ତେଣୁ ଧରିନେବା, ଚୋରମାନେ କେବେ ସାମ୍ନା ଦ୍ୱାର ଦେଇ ପ୍ରବେଶ କରି ନାହାନ୍ତି ।" ପ୍ରାଞ୍ଜଳ କହିଲା । ଅନ୍ୟମାନେ ତାକୁ ସମର୍ଥନ କଲେ ।

"କିନ୍ତୁ ଆଉ କୌଣସି ପ୍ରବେଶ ପଥ ତ ନାହିଁ । ଅବଶ୍ୟ ସେମାନେ ଛାତ କଣାକରି କିମ୍ବା ପାର୍ଶ୍ୱର କାନ୍ଥକୁ ଭାଙ୍ଗି ପ୍ରବେଶ କରିପାରି ଥାଆନ୍ତି, ଯାହା ଏ ଘଟଣାରେ ନିଶ୍ଚିତ ଭାବରେ ହୋଇ ନାହିଁ ।" ଅଳକା କହିଲା ।

"ଆଉ ଗୋଟିଏ ରାସ୍ତା ମଧ୍ୟ ଅଛି । ସେମାନେ ଭୂମିକୁ କଣାକରି

Digitized by srujanika@gmail.com

ଚଟାଣ ତଳୁ ମଧ୍ୟ ଘରେ ପ୍ରବେଶ କରିପାରି ଥାଆନ୍ତି ।" ରଜବୀର ମନ୍ତବ୍ୟ ଦେଲା ।

"ତାହା ନିଶ୍ଚିତ ହୋଇଥିବ ।" ପ୍ରାଞ୍ଜଳ ଉତ୍ତେଜିତ ହୋଇ କହିଲା । "ସେହି କାଦୁଆ ପାଦଚିହ୍ନଗୁଡ଼ିକୁ ମନେ ପକାଅ । ଗୋଟିଏ ସପ୍ତାହ ଧରି ବର୍ଷା ହୋଇ ନଥିଲା, ଅଥଚ ସେହି ପାଦଚିହ୍ନଗୁଡ଼ିକ ଓଦା ଓ କାଦୁଆ ଥିଲା ।"

"ହଁ, ଠିକ୍ କଥା । ଗୋଟିଏ ସୁଡ଼ଙ୍ଗ ତଳେ ଥିବା ମାଟି ନିଶ୍ଚିତ ଓଦାଳିଆ ଓ କାଦୁଆ ଥିବ । ସେଥିପାଇଁ ମଧ୍ୟ ବାପା କିଛି ଦେଖି ପାରିଲେ ନାହିଁ ।" ମଙ୍ଗଳା ରାଜି ହୋଇ କହିଲା ।

"କିନ୍ତୁ ଆମେ ତ ଗୋଦାମ ଘର ଭଲଭାବରେ ପରୀକ୍ଷା କଲେ । ଭୂମିତଳେ ଥିବା ସୁଡ଼ଙ୍ଗ ପଥ ସହିତ ସାମାନ୍ୟ ସମ୍ପର୍କ ଥିଲାଭଳି କୌଣସି ଜିନିଷ ତ ଆମର ଦୃଷ୍ଟିଗୋଚର ହେଲା ନାହିଁ ।" ଅଳକା କହିଲା ।

"ଆମେ ସେତେବେଳେ ଗୋଟିଏ ଜିନିଷ ଦେଖିପାରି ନଥିଲେ । ବର୍ତ୍ତମାନ ତାହା ଦେଖିବା ।" ରଜବୀର କହିଲା, "ଆଚ୍ଛା, ମଙ୍ଗଳା, ଆମେ ବର୍ତ୍ତମାନ ଆଉଥରେ ସେହି ଗୋଦାମ ଘରେ ପ୍ରବେଶ କରି ପାରିବା କି ?"

ମଙ୍ଗଳା କହିଲା, "ହଁ, ଦୁଆର ତ ଖୋଲା ଅଛି । ଗୋଦାମ ଘର ପୂରା ଖାଲି । କେହି ତାକୁ ଚାବି ପକାଇ ନାହାନ୍ତି ।

ସେମାନେ ସମସ୍ତେ ଦଳବଦ୍ଧ ହୋଇ ବାହାରିଲେ । ଯେତେବେଳେ ସେମାନେ ଗୋଦାମ ଘର ପାଖରେ ପହଞ୍ଚିଲେ, ସାମ୍ନା ଦୁଆର ଖୋଲାଥିବା ଦେଖି ଆଶ୍ଚର୍ଯ୍ୟ ହେଲେ ।

ସେମାନେ ଗୋଦାମ ଘରର ଭିତର ପଟ ଖୁବ ସାବଧାନତାର ସହିତ ଦେଖିଲେ । ରଜବୀରର ମୁହଁରେ ଆନନ୍ଦର ସ୍ମିତହାସ୍ୟ ଖେଳିଗଲା ।

"ଆହା !" ସେ ଖୁସିରେ ପାଟିକରି ପ୍ରାଞ୍ଜଳକୁ କହିଲା, "ଏଇଟି ମୂଳ । ଟେବୁଲ ତଳକୁ ଚାହିଁଲୁ ।"

ସକାଳେ, ସେମାନେ ଘରକୁ ପରିଷ୍କାର କରି ଖୋଜିଥିଲେ । କିନ୍ତୁ ଟେବୁଲକୁ ସେଠାରୁ କାଢ଼ି ତାହାରି ତଳ ଦେଖିବା କଥା ଚିନ୍ତା କରିନଥିଲେ । ବର୍ତ୍ତମାନ ସେମାନେ ସେଇଆ କଲେ ।

ସେମାନେ ସାଙ୍ଗେ ସାଙ୍ଗେ ଗୋଟିଏ ପତଳା ତଥା ସୁନ୍ଦର ଭାବେ ଚାରିକୋଣିଆ ହୋଇ କଟା ହୋଇଥିବା ଚଟାଣ ଦେଖିଲେ, ଯାହା ସମ୍ଭବତଃ ସେମାନେ ନ ଚାହିଁଥିଲେ ସହଜରେ ଦେଖିପାରି ନଥାଆନ୍ତେ ।

Digitized by srujanika@gmail.com

ମଙ୍ଗଳା ଛୋଟ ପେନ୍ ଛୁରୀଟିଏ ଆଣିଲା ଓ ସେହି କଟା ଯାଇଥିବା ସ୍ଥାନ ମଧ୍ୟରେ ପୂରାଇଲା । ଆଙ୍ଗୁଠି ଯାଇପାରିଲା ଭଳି ଜାଗାଟିଏ ହେବା ପର୍ଯ୍ୟନ୍ତ ସେ ଛୁରୀ ଘୂରାଇବାକୁ ଲାଗିଲା । ଗୋଟିଏ ପଟାର ଧାରକୁ ଧରି ସେ ସମ୍ପୂର୍ଣ୍ଣ ଭାବରେ ସେହି ଅଂଶଟିକୁ ଉଠାଇ ଆଣିଲା ।

"ଓଃ !" ଚଟାଣ ତଳୁ ଗୋଟିଏ ସୁଡଙ୍ଗର ଅନ୍ଧାରୁଆ ମୁହଁ ଦେଖି ଅଳକା ଉତ୍ତେଜନାରେ ଚିତ୍କାର କରି ଉଠିଲା ।

ଚୋରମାନେ ଚଟାଣରେ ପଡିଥିବା ପଟାକୁ ଯତ୍ନରେ କରତରେ କାଟି ଏକ ଚୋରଦ୍ୱାର ତିଆରି କରିଛନ୍ତି । ଘରେ ପ୍ରବେଶ କଲାବେଳେ ସେହିଟି ଉପରକୁ ଠେଲି ପ୍ରବେଶ କରନ୍ତି । ଚା' ବାକ୍ସଗୁଡିକୁ ବାହାର କରି ନେଲା-ପରେ ସେମାନେ ସେହି ପଟାଦ୍ୱାରଟିକୁ ପୁନଃସଂଯୋଗ କରି ତାକୁ ଟେବୁଲ ତଳେ ଲୁଚାଇ ଦେଇଛନ୍ତି । ଶେଷ ଚୋରଟି ସୁଡଙ୍ଗରେ ପ୍ରବେଶ କରି ତା' ପଛରେ ଦ୍ୱାର ବନ୍ଦ କରି ଦେଇଛି ।

ମଙ୍ଗଳା ସେହି ଚୋର ଦ୍ୱାରଟିକୁ ପୁନଃସଂଯୋଗ କଲା । କହିଲା, "ତା' ହେଲେ ଏହିପରି କଥା !"

"ସେହି ମାଟିଗୁଳାଟି ସହିତ ଲୁଚାଯାଇଥିବା ଡଙ୍ଗାର ନିଗୂଢ ସମ୍ପର୍କ ଅଛି ।" ରଜବୀର କହିଲା । "ଚୋରମାନେ ଗୋଦାମ ଘରକୁ ଗୋଟିଏ ସୁଡଙ୍ଗ ତିଆରି କରିଛନ୍ତି ଏବଂ ନଦୀ ପାଖକୁ ଚା-ବାକ୍ସ ଗୁଡିକୁ ବୋହି ନେଇଛନ୍ତି । ଚୋରମାଲଗୁଡିକୁ ନଦୀ ଆରପାଖକୁ ନେଇଯିବା ପାଇଁ ଡଙ୍ଗାଟି ବ୍ୟବହୃତ ହୋଇଛି । ବାକ୍ସଗୁଡିକୁ ଦୂରକୁ ନେଇଯିବା ପାଇଁ ନିଶ୍ଚିତ ଭାବରେ ଏକ ଟ୍ରକ ସେଠାରେ ଅପେକ୍ଷା କରିଥିବ ।"

"ଏହି ସୁଡଙ୍ଗର ଅନ୍ୟ ଦ୍ୱାରଟିକୁ ଆମକୁ ଖୋଜିବାକୁ ପଡିବ ।" ମଙ୍ଗଳା କହିଲା ।

"ଏହି ସୁଡଙ୍ଗ ପଥ ଦେଇ ଯିବା କି ?" ରଜବୀର କହିଲା ।

"ଆମେ ହୁଏତ ସିଧା ଚୋରମାନଙ୍କ ପାଖରେ ଯାଇ ପହଞ୍ଚିଯିବା । ତାହା ଆମ ପାଇଁ ନିରାପଦ ହେବ ନାହିଁ ।" ମଙ୍ଗଳା କହିଲା ।

"ତାହାହେଲେ ଆଉ କି ଉପାୟରେ ଆମେ ତାକୁ ଆବିଷ୍କାର କରିବା ?" ଅଳକା ପଚାରିଲା ।

ସାଙ୍ଗଳ ଟେବୁଲ ମଧ୍ୟରୁ ଖଣ୍ଡେ କାଗଜ ଓ ପେନ୍‌ସିଲ୍ ବାହାର କଲା ।

ଏକ ସ୍କେଚ ଆଙ୍କି ସେ କହିଲା, "ରହ । ଏହା ଖୁବ ସ୍ୱାଭାବିକ ଯେ,

Digitized by srujanika@gmail.com

ଚୋରମାନେ ଦକ୍ଷିଣପଟୁ ସୁଡଙ୍ଗ ଖୋଳିଥିବେ, ଯେଉଁ ପଟେ ନଦୀ ଅଛି । ସୁଡଙ୍ଗଟି ଆଦୌ ଶହେ ମିଟରରୁ ବେଶୀ ଦୂର ହେବ ନାହିଁ । ତେଣୁ ଆମେ ଯଦି ଗୋଦାମରୁ ଲୁଚି ଯାଇଥିବା ନୌକା ପାଖକୁ ଏକ ସିଧା ଗାର ଟାଣିବା ଏବଂ ଗୋଦାମଘରଠାରୁ ପଚାଶ ମିଟରରୁ ଶହେ ମିଟର ମଧ୍ୟରେ ଥିବା ସ୍ଥାନ ପରୀକ୍ଷା କରିବା, ତେବେ ଆମେ ହୁଏତ ଅନ୍ୟ ବାଟଟି ଆବିଷ୍କାର କରି ପାରିବା ।"

ସେମାନେ ସାବଧାନତାର ସହିତ ଗୋଦାମ ଘରୁ ବାହାରିଲେ ଓ ପୂର୍ବ ଚିହ୍ନିତ ଦିଗଆଡେ ଚାଲିଲେ । କାମ କରିବାର ବେଳା ଗଡି ଯାଇଥିଲା । ତେଣୁ ଚାହା ବୁଦା ଭିତରେ କେହିଁ ନଥିଲେ । ସେମାନେ କିଛି ନଜାଣିଲା ପରି ଚାଲିବାକୁ ଲାଗିଲେ, କିନ୍ତୁ ସେମାନଙ୍କର ଆଖି ସବୁ ସଜାଗ ଥିଲା । ତା'ପରେ ମଙ୍ଗଳା ଦେଖିଲା ।

ଗୋଟିଏ ଗଭୀର ଖାଲର ଉପରିଭାଗରେ ସୁଡଙ୍ଗଟିର ଅନ୍ୟ ପ୍ରବେଶ ପଥଟି ରହିଥିଲା । ଗୋଟିଏ ବାଉଁଶ ପାଛିଆ ସହିତ କାଦୁଅ ଲଟାଯାଇ ସେଥିରେ ତାର ଦ୍ୱାର ବନ୍ଦ କରାଯାଇଥିଲା । ଛଦ୍ମ ଆବରଣଟିକୁ ଅଧିକ ସନ୍ଦେହମୁକ୍ତ କରିବା ପାଇଁ ତା' ଦେହରେ ଛୋଟ ଛୋଟ ବୁଦାର·ଡାଳପତ୍ର ଖଞ୍ଜା ଯାଇଥିଲା ।

ମଙ୍ଗଳା ସେହି ଖାଲ ମଧ୍ୟକୁ ଡେଇଁପଡି ଆବରଣଟିକୁ ବାହାର କରି

Digitized by srujanika@gmail.com

ଆଣିଲା ଓ ପିଲମାନଙ୍କୁ ଦେଖାଇ ପାରି ଯଥା ସ୍ଥାନରେ ରଖିଦେଲା । ସେ ଜରୁରୀ ଭାବରେ କହିଲା, "ଆମକୁ କେହି ଦେଖିବା ପୂର୍ବରୁ ଚାଲ, ଏଠାରୁ ବାହାରି ଯିବା ।"

ସେମାନେ ଅଧା ଚାଲି ଓ ଅଧା ଦୌଡି କାଠ ଘର ନିକଟକୁ ଫେରି ଆସିଲେ ।

"ଆମେ ଶୀଘ୍ର ଏ ଖବରୁ ବାପାଙ୍କୁ ଜଣେଇଦେବା", ପ୍ରାଞ୍ଜଳ ଧୀର ସ୍ୱରରେ କହିଲା । "ସେ ପୋଲିସକୁ କହି ତେଜା ଓ ମଙ୍ଗଳାର ବାପାଙ୍କୁ ମୁକୁଳେଇ ଦେଇ ପାରିବେ ।"

"ନା, ବର୍ତ୍ତମାନ ନୁହେଁ", ରଣବୀର କହିଲା । "ଚୋରମାନେ ମନେ କରିବା ଉଚିତ୍ ଯେ, ସେମାନେ ନିରାପଦରେ ଅଛନ୍ତି ।"

"ତାହା ଠିକ୍", ମଙ୍ଗଳା ଶାନ୍ତ ଭାବରେ କହିଲା । "ଆମେ ଆଉ ଅଧିକ ପ୍ରମାଣ ସଂଗ୍ରହ କରିବା ଉଚିତ୍ ।"

ପ୍ରାଞ୍ଜଳ ପଚାରିଲା—"କିନ୍ତୁ ଆମେ କେଉଁଠାରୁ ଆରମ୍ଭ କରିବା ?"

"ଚୋରି ହୋଇଥିବା ଗୁହାଗୁଡ଼ ସବୁଠାରୁ ଉତ୍କୃଷ୍ଟ ଧରଣର ଥିଲା । ଚୋରମାନେ ଏକଥା ଜାଣିଲେ କିପରି ?" ମଙ୍ଗଳା ବିଜ୍ଞ ଭଳି କହିଲା ।

"ତୁମେ କ'ଣ କହିବା ପାଇଁ ଚାହଁ ?"

"ସିଧା କଥା, ଗୁହା ବଗିଚାର ମୂଲିଆଙ୍କ ମଧ୍ୟରେ ଚୋରମାନଙ୍କର ନିଶ୍ଚିତ ସମ୍ପର୍କ ରହିଛି ।"

"ଗୋଟିଏ ସୁଡଙ୍ଗ ଖୋଳିବାକୁ ବହୁତ ସମୟ ଲାଗେ", ଅଳକା ଜଣେଇ ଦେଲା । "ସୁଡଙ୍ଗରୁ ମାଟି ଖୋଳାଯାଇ କୌଣସିଠାକୁ ନିଶ୍ଚୟ ନିଆଯାଇଥିବ । ଅତି ଆଶ୍ଚର୍ଯ୍ୟର କଥା ଯେ, ଚୋରମାନେ କାମ କରୁଥିବା ସମୟରେ କେହି ମଧ୍ୟ ଦେଖିପାରିଲେ ନାହିଁ ।"

ରଣବୀର ଉତ୍ତେଜିତ ହୋଇ କହିଲା, "ତାହେଲେ ସେମାନେ ରାତିରେ କାମ କରୁଥିଲେ ।"

ମଙ୍ଗଳା ମୁଣ୍ଡରେ କିଛି ଢୁକିଗଲା ।

"ଆରେ ବାବା !" ସମସ୍ତେ ଧୀର ସ୍ୱରରେ କହିବା ପାଇଁ ଚେଷ୍ଟା କରିବା ସତ୍ତ୍ୱେ ସେ ଏକରକମ ପାଟିକରି ଉଠିଲା, "ନିଶ୍ଚିତ ଭାବରେ ସେଇ ହୋଇଥିବ ।"

Digitized by srujanika@gmail.com

Digitized by srujanika@gmail.com

"ଚୁପ୍ !" ସମସ୍ତେ ଉଦ୍‌ବିଗ୍ନରେ ପ୍ରାୟ ଏକାସାଙ୍ଗରେ କହି ପକାଇଲେ ।

"ସେହି ସାଓ୍ନା ନାମକ ସର୍ଦ୍ଦାର । ସେଇ ନିଶ୍ଚୟ ଅପରାଧୀମାନଙ୍କର ସହାୟକ ହୋଇଥିବ ।"

"ଯେଉଁ ଲୋକଟାର ବଳଦକୁ ଚିତାବାଘ ନେଇ ଯାଇଥିଲା, ସେହି କି ?" ସାଞ୍ଜଳ ଜାଣିବାକୁ ଚାହିଁଲା ।

"ଓଃ, ତୁମେ ସବୁ ତାହେଲେ ଚିତାବାଘ କଥା ଶୁଣିନ ? ଇଏ ସେହି ସାଓ୍ନା ଯିଏ କି ଚିତାବାଘର କାହାଣୀ ପ୍ରଚାର କରି ବଗିଚାର ମୂଲିଆ-ମାନଙ୍କୁ ଭୟଭୀତ କରିଦେଇଥିଲା, ଯାହା ଫଳରେ ସେମାନେ ରାତିରେ ଘରୁ ବାହାରୁ ନଥିଲେ । ଆଜି ପର୍ଯ୍ୟନ୍ତ ଜଣେ ହେଲେ କେହି ସେ ଚିତା-ବାଘକୁ ଦେଖିନାହାନ୍ତି ।"

"ହଁ, ବାପା ସେଇକଥା କହୁଥିଲେ । ବାଘର ଉପସ୍ଥିତି ଜାଣିବା ପାଇଁ ଗୋଟିଏ ହେଲେ ପାଦଚିହ୍ନ ବି ନଥିଲା ।"

"ଏପରି ମଧ୍ୟ ହୋଇପାରେ ଯେ, କୌଣସି ଚିତାବାଘ ନଥିଲେ । ସାଓ୍ନା ଏକଥା ପ୍ରଚାର କରିଥିଲା ଯାହା ଦ୍ୱାରା କି ଚୋରମାନେ ବିନା ବାଧାରେ ସୁଡଙ୍ଗ ଖୋଳି ପାରିବେ ।" ମଙ୍ଗଳା ମନ୍ତବ୍ୟ ଦେଲା ।

ସେମାନେ ସମସ୍ତେ ନୀରବ ଥିଲେ, ଚିନ୍ତାରେ ବୁଡି ଯାଇଥିଲେ ।

"ଆଉ ମଧ୍ୟ", ମଙ୍ଗଳା ନିଜର ଯୁକ୍ତିକୁ ପ୍ରମାଣିତ କରିବା ପାଇଁ କହିଲା, "ସାଓ୍ନା କାରଖାନାର ପ୍ୟାକିଂ ମେସିନ୍ ପାଖରେ କାମ କରେ । ସେ ଜାଣି-ପାରିବ, କେତେବେଳେ କେଉଁ ଗୁଣର ଚା' ପ୍ୟାକ୍ କରାଯିବ ।"

Digitized by srujanika@gmail.com

ତା'ପରଦିନ ସକାଳେ ମିଃ ବରୁଆ ରଜବୀର ଓ ଅନ୍ୟମାନଙ୍କୁ କାରଖାନାକୁ ନେଇଗଲେ ।

ବାଟରେ ଗଲାବେଳେ ରଜବୀର କହିଲା, "ଏହା ଅଦ୍ଭୁତ ମନେହୁଏ ଯେ, ଏହି ସବୁଜ ରଙ୍ଗର ପତ୍ରଗୁଡିକ ସିଝିଲେ ଏକଦମ୍ କଳା କିମ୍ବା ସୁନେଲି ରଙ୍ଗର ଚା' ହୋଇଯାଏ ।"

"ପ୍ରକୃତରେ ଯାହା କରଯାଏ, ତାହା ହେଉଛି ସବୁଜ ପତ୍ରରୁ ଜଳୀୟ ଅଂଶକୁ ପୂରାପୂରି ବାହାର କରି ନିଆଯାଏ ଏବଂ ଏହାର ରଙ୍ଗ ଓ ବାସ୍ନା ଅଣାଯାଏ । କୌଣସି ରସାୟନିକ ପଦାର୍ଥ ମିଶାଯାଏ ନାହିଁ । ଏହି ପ୍ରକ୍ରିୟାକୁ ପ୍ରରନିୟନ୍ତ୍ରିତ କରି ଚା'ର ଗୁଣକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଅଧିକ ଉତ୍ପାଦନ ପାଇଁ ଯନ୍ତ୍ର ବ୍ୟବହାର କରଯାଏ । ପ୍ରକୃତରେ ତମେ ଘରେ ମଧ୍ୟ ଚା' ତିଆରି କରି ପାରିବ ।"

"ଘରେ ? କିପରି ?" ରଜବୀର ପଚାରିଲା ।

"କାହିଁକି ନୁହେଁ ? ଅବଶ୍ୟ ସେତେଟା ସହଜ ଉପାୟରେ ନୁହେଁ । ପୂର୍ବ କାଳରେ ଲୋକେ ଯେମିତି କରୁଥିଲେ ।"

"ମଉସା, ଏସବୁ ସବୁଜ ଚା' ପାଇଁ ପ୍ରଜୁଜ୍ୟ । କିନ୍ତୁ ଆପଣ କହିଥିବା ସି. ଟି. ସି. ଓ ଅର୍ଥୋଡକ୍ସ ଏ ଦୁଇ ପ୍ରକାର ଚା' କଥା କ'ଣ ? ସେମାନେ କ'ଣ ଭିନ୍ନ ?"

"ଅବଶ୍ୟ । ଅର୍ଥୋଡକ୍ସର ବାସ୍ନା ଅଧିକ ଭଲ । ସି. ଟି. ସି.ରେ ଅଧିକ ପରିମାଣର ଚା' ବାହାରେ । ଅର୍ଥୋଡକ୍ସ ଫୁଟିଲାବେଳେ ସେଥିରୁ ତୀବ୍ର ଗନ୍ଧ ବାହାରେ, ସି. ଟି. ସି.ର ଗନ୍ଧ ସେତେ କଡା ନୁହେଁ । ସେମାନଙ୍କ ପ୍ରସ୍ତୁତିକରଣରେ ଥିବା ପାର୍ଥକ୍ୟ ମୁଁ ତୁମକୁ କାରଖାନା ଭିତରେ ଦେଖାଇ ଦେବି ।"

କାରଖାନାର ଫାଟକ ପାଖରେ ଥିବା ଦରଓ୍ୱାନ ଏକ କଡା ସଲାମ୍ ପକାଇ ସେମାନଙ୍କୁ ଅଭିନନ୍ଦନ ଜଣାଇଲା । ଲମ୍ବା ଛାତ ବିଶିଷ୍ଟ କାନ୍ଥ ନଥିବା ଘରର ପାଖରେ ମିଃ ବରୁଆ ତାଙ୍କର ଜିପଟିକୁ ନେଇ ରଖିଦେଲେ । ସେହି ଘର ଭିତରେ ଧାଡି ଧାଡି ହୋଇ ଛଅଟି ବାରଣ୍ଡା ପରି ଉଚ୍ଚା ଟାଣ ଥିଲା ।

ଏଗୁଡିକୁ "ଉଇଦର" କୁହାଯାଏ । ବଗିଚାରୁ ତୋଳା ଯାଇଥିବା କଞ୍ଚା ପତ୍ରଗୁଡିକୁ ଏଠାରେ ଓଜନ କରଯାଏ ଓ ବିଛାଯାଇ ଶୁଖାଯାଏ । ଅଳ୍ପ କେତେଘଣ୍ଟା ମଧ୍ୟରେ ପତ୍ରଗୁଡିକ ଶୁଖିବା ପାଇଁ ଆରମ୍ଭ କରନ୍ତି । ସେଗୁଡିକ

Digitized by srujanika@gmail.com

ପ୍ରାୟ ଶତକଡ଼ା ତିରିଶରୁ ଚାଳିଶ ଭାଗ ଜଳୀୟ ଅଂଶ ଏଠାରେ ହରାନ୍ତି । ଏହାକୁ "ପ୍ରାକୃତିକ ଶୁଷ୍କତା" କୁହାଯାଏ ।"

ନିକଟରେ ଆଉ ଗୋଟିଏ ସେହିଭଳି ଘର ଥିଲା । କିନ୍ତୁ ଏଠାରେ ଉଚ୍ଚା ନିକୁଞ୍ଜ ଜାଗା ବଦଳରେ ତାର ଘରରେ କଂକ୍ରିଟ ପାତ୍ର ସବୁ ଥିଲା, ଯାହା ଉପରେ ଚା' ପତ୍ର ବିଛା ଯାଉଥିଲା । ପ୍ରତ୍ୟେକ ପାତ୍ରର ଶେଷ ଭାଗରେ ଶକ୍ତିଶାଳୀ ବିଦ୍ୟୁତ୍ ପଙ୍ଖା ଦ୍ରୁତବେଗରେ ଘୂରୁଥିଲା ।

"ଏହାକୁ ନିୟନ୍ତ୍ରିତ ଶୁଷ୍କ ପ୍ରଣାଳୀ କୁହାଯାଏ ।" ମିଃ ବରୁଆ ବୁଝାଇ ଦେଲେ । "ପ୍ରାକୃତିକ ଉପାୟରେ ଶୁଖାଇବା ଲାଗି ବହୁତ ସମୟ ଲାଗେ, ବିଶେଷ କରି ଏଭଳି ଆର୍ଦ୍ର ଜଳବାୟୁରେ । ତେଣୁ ଉଷ୍ଣତାକୁ ନିୟନ୍ତ୍ରଣ କରି ଏହି ଜାଲିଗୁଡ଼ିକ ମାଧ୍ୟମରେ ଗରମ ପବନକୁ ଛାଡ଼ି ଦିଆଯାଏ ।"

ପିଲାମାନେ ମିଃ ବରୁଆଙ୍କ ପଛେ ପଛେ କାରଖାନା ଭିତରକୁ ଗଲେ । କାରଖାନାର ଅଭ୍ୟନ୍ତର ଅଂଶଟି ବିଭିନ୍ନ ପ୍ରକାର ଯନ୍ତ୍ରରୁ ବାହାରୁଥିବା ଠକ୍ ଠକ୍ ଶବ୍ଦ ଦ୍ୱାରା ପ୍ରତିଧ୍ୱନିତ ହେଉଥିଲା । ତେଣୁ ପରସ୍ପରର କଥା ଶୁଣିବା ପାଇଁ ସେମାନଙ୍କୁ ବଡ଼ପାଟି କରିବାକୁ ପଡ଼ିଲା । ଶୁଷ୍କ ଚାହାପତ୍ରର ତୀବ୍ର ଗନ୍ଧ ସେମାନଙ୍କର ନାକରେ ବାଜୁଥିଲା ।

ମିଃ ବରୁଆ ଗୋଟିଏ ତିନିଗୋଡ଼ିଆ ଯନ୍ତ୍ରକୁ ଦେଖାଇ ଦେଲେ, "ତାହା ଗୋଟିଏ ଚଳନ୍ତା ଟେବୁଲ, ଯେଉଁଠାରେ କି ଶୁଖିଲା ଚାହାପତ୍ରଗୁଡ଼ିକୁ ଗୁଣ୍ଡ ଓ ମସୃଣ କରାଯାଏ । ଯେଉଁ ରସଗୁଡ଼ିକ ଚିପୁଡ଼ାଯାଇ ବାହାରେ, ତାହା ସମାନ ଭାବରେ ରହେ ।"

ତା'ପରେ ସେହି ଗୁଣ୍ଡ ପତ୍ରଗୁଡ଼ିକୁ ଛାଣିବା ପାଇଁ ସବୁବେଳେ ଘୂରୁଥିବା ଜାଲି ଲାଗିଥିବା ନଳପରି ଯନ୍ତ୍ରରେ ଭର୍ତ୍ତି କରାଯାଏ ।

"ଏହା ହେଉଛି ଏକ ପତ୍ରଛଣା ଯନ୍ତ୍ର", ମିଃ ବରୁଆ କହି ଚାଲିଲେ । ଏହା ଗୁଣ୍ଡ ଚା'କୁ ସୁନ୍ଦର୍ ଭାବରେ ଅଲଗା କରିଦିଏ । ଅର୍ଥୋଡକ୍ସ ଓ ସି. ଟି. ସି.ର ଛଣା ପ୍ରଣାଳୀ ଭିନ୍ନ । ଅର୍ଥୋଡକ୍ସ ଚା' ପାଇଁ ଛଣାପତ୍ରକୁ ସିଧାସଳଖ ବିଶୋଧକ ଗୃହକୁ ନିଆଯାଏ । ସି. ଟି. ସି. ଚା' ପାଇଁ ପ୍ରଥମେ ତାକୁ ଆଉ ଗୋଟିଏ ଯନ୍ତ୍ରରେ ଭର୍ତ୍ତି କରାଯାଏ ।"

"ମଉସା, ସି. ଟି. ସି. କହିଲେ କ'ଣ ବୁଝାଯାଏ ?"

"କୁଞ୍ଚନ, ଖଣ୍ଡନ ଏବଂ ନିଷ୍ପେଷଣ"—ଏହା ହିଁ ହେଉଛି ସି. ଟି. ସି. ମେସିନ୍‌ର କାର୍ଯ୍ୟ ।" ସୁନ୍ଦରଭାବେ କଟାଯାଇଥିବା ଚହଳିଆ ଖଣ୍ଡସବୁ

Digitized by srujanika@gmail.com

ମେସିନ୍ ଭିତରୁ ବାହାରି ଆସେ ଏବଂ ଆଲୁମିନିୟମ ଟ୍ରେରେ ଜମା ହୋଇ-ଯାଏ ।

“ଯାହା ତୁମେ ଦେଖିପାରୁଛ, ସି. ଟି. ସି. ଉତ୍ପାଦନରେ ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଖଣ୍ଡ ଖଣ୍ଡ ହୋଇଯାଏ ଏବଂ ଚୁପି ହୋଇ ରସ ବାହାରିଯାଏ ଏବଂ ପୁରାପୁରି ମିଶିଯାଏ । ତେଣୁ ରଙ୍ଗ ଜଣା ପଡ଼ିଯାଏ । ଅର୍ଥୋଡକ୍ସରେ ଯେହେତୁ କଟାଯାଏ ନାହିଁ, ତେଣୁ ରସ ଧୀରେ ଧୀରେ ବାହାରେ ଏବଂ ସେହିପରି ସୁଗନ୍ଧ ରହେ ।”

ସେମାନେ ତା’ପରେ ଅମ୍ଳୀଭବନ ଘରକୁ ଗଲେ । ସେଠାରେ କଞ୍ଚା-ପତ୍ରଗୁଡ଼ିକ ତାରଜାଲି ଉପରେ ବିଛା ଯାଇଥାଏ । ଏଠାରେ ଯାନ୍ତ୍ରିକ ଉପା-ୟରେ ଅମ୍ଳୀଭବନ କରାଯାଏ । ଟ. ଡବୀରର ବିସ୍ମୟଭରା ଦୃଷ୍ଟି ସାମ୍ନାରେ ପତ୍ରଗୁଡ଼ିକ ସବୁଜରଙ୍ଗ ଦରଭ ଧୂସର ହୋଇଗଲା ।

Digitized by srujanika@gmail.com

ଜଣେ ଭଲ ଗାଇଡ ଭାବରେ ମିଃ ବରୁଆ ବୁଝାଇବାରେ ଲାଗିଲେ, ସମ୍ପୂର୍ଣ୍ଣ ଅମ୍ଳୀଭବନ ପାଇଁ ପ୍ରାୟ ଘଣ୍ଟାଏ ଲାଗେ । ତୁମେ ଯେଉଁ ଅଦ୍ଭୁତ କଥା କହୁଥିଲ, ତାହା ଏହିଠାରେ ହୁଏ । ଅମ୍ଳ ଦହନ ହେତୁ ପତ୍ରଗୁଡ଼ିକରୁ ନେଲିଆ ରଙ୍ଗ ଉଭେଇ ଯାଏ । ବାୟୁମଣ୍ଡଳରେ ଥିବା ଅମ୍ଳଜାନ ପତ୍ରରେ ଥିବା ରସାୟନିକ ପଦାର୍ଥ ସହିତ ପ୍ରତିକ୍ରିୟା କରଇ ତାହାର ରଙ୍ଗ ଓ ଗନ୍ଧ ପରିବର୍ତ୍ତନ କରଇଥାଏ ।”

ତା’ପରେ ସେମାନେ ଚା’ ଶୁଖାଯାଉଥିବା ଘରେ ପ୍ରବେଶ କଲେ । ଏହି ଘରେ ବଡ ବଡ ଶୁଖେଇବା ମେସିନ୍ ରଖା ଯାଇଥିଲା । ତେଲ କିମ୍ବା କୋଇଲା ଦ୍ୱାରା ଚାଳିତ ଚୁଲାରୁ ଅତ୍ୟଧିକ ଗରମ ପବନ ଚାହାପତ୍ରଗୁଡ଼ିକ ଉପରକୁ ନିକ୍ଷେପ କରଯାଉଥାଏ ।

“ଏହି ଗରମ ପବନ ପତ୍ରଗୁଡ଼ିକରେ ଥିବା ଅବଶିଷ୍ଟ ଜଳୀୟବାଷ୍ପକୁ ବାହାର କରିଦିଏ ଓ ପତ୍ରକୁ କୁଞ୍ଚୁକୁଞ୍ଚିଆ ଓ ଶୁଷ୍କ କରିଦିଏ । ହେଇ, ଏହାକୁ ଶୁଙ୍ଘ ।” ମିଃ ବରୁଆ ପୁଳାଏ ପତ୍ର ଉଠାଇ ରଜବୀରକୁ ଦେଲେ । ପତ୍ରଗୁଡ଼ିକ ବେଶ୍ ଉଷ୍ମ ଓ ସୁବାସଯୁକ୍ତ ଥିଲା ।

ମିଃ ବରୁଆ କହିଲେ, “ବର୍ତ୍ତମାନ ଯାହା କରିବାକୁ ରହିଲା, ତାହା ହେଉଛି ଚା’କୁ ଅରେଞ୍ଜ ପିକୋ, ପିକୋ ଫ୍ୟାନିଙ୍ଗସ, ବ୍ରୋକନ୍ ଅରେଞ୍ଜ ପିକୋ ପ୍ରଭୃତି ଶ୍ରେଣୀରେ ପୃଥକ୍ କରି ପ୍ୟାକିଙ୍ଗ କରିବାକୁ ପଡ଼ିବ । ପୃଥକୀକରଣ ତାରଜାଲିଥିବା କାହାଳୀ ଆକୃତି ବିଶିଷ୍ଟ ଯନ୍ତ୍ର ସାହାଯ୍ୟରେ କରାଯାଏ । ଭିନ୍ନ ଭିନ୍ନ ଶ୍ରେଣୀର ଚା’ ପୃଥକ କରିବା ପାଇଁ ଭିନ୍ନ ଭିନ୍ନ ଆକାର ପ୍ରକାରର ଜାଲି ବ୍ୟବହାର କରଯାଏ ।”

ଶେଷରେ ସେମାନେ ଚାହାଗୁଣ୍ଡ ପ୍ୟାକିଂ ହେଉଥିବା କୋଠରୀ ଭିତରକୁ ପ୍ରବେଶ କଲେ । ଜଣେ ଧୂସରିଆ ତଥା କଳାଦାଗ ଥିବା ଅସୁନ୍ଦରିଆ ଲୋକ ଗୋଟିଏ ଶାବଳ ସାହାଯ୍ୟରେ ଚାହାଗୁଣ୍ଡ ଭର୍ତ୍ତି କରୁଥାଏ ।

ପିଲାମାନେ ମଙ୍ଗଳାର ବର୍ଣ୍ଣନାରୁ ତାକୁ ଚିହ୍ନି ପାରିଲେ । ସେ ଥିଲା ସାଓ୍ୱନା । ପ୍ରକୃତରେ ସେହି ସର୍ଦ୍ଦାର ଏଭଳି ଏକ ଭଲ ଜାଗାରେ ଅବସ୍ଥାପିତ ଥିଲା, ଯେଉଁଠାରେ କି କାରଖାନାରେ କେଉଁ ଧରଣର ଚାହାଗୁଣ୍ଡ କେତେବେଳେ ପ୍ୟାକ୍ କରଗଲା, ତାହା ସେ ଜାଣି ପାରିବ ।

ପିଲାମାନଙ୍କର ଧ୍ୟାନ ଯେ ଅନ୍ୟଆଡେ ଖେଳୁଛି, ଏ କଥା ଜାଣି ନପାରି ମିଃ ବରୁଆ ପୁଣି କହିଲେ, “ଆର୍ଦ୍ରତା ହେଉଛି ଚା’ର ସବୁଠାରୁ ବଡ ଶତ୍ରୁ । ଏହି ପ୍ୟାକିଂ ଯନ୍ତ୍ର ଯେଉଁଟିକି ସବୁବେଳେ ସ୍ୱନିତ ହେଉଛି, ନିଶ୍ଚିତ କରି-

Digitized by srujanika@gmail.com

ଦିଏ ଯେ, ଚାହାଗୁଣ୍ଡଗୁଡ଼ିକ ନିବୁଜ ହୋଇ ଭର୍ତ୍ତି କରାଯାଇଛି ଏବଂ ତା' ଭିତରେ କୌଣସି ବାୟୁ ରହୁନାହିଁ । ଚା ବାକ୍ସଗୁଡ଼ିକୁ ମଧ୍ୟ ଆଲୁମୁନିୟମ ପାତିଆ ସାହାଯ୍ୟରେ ବାନ୍ଧି ଦିଆଯାଏ, ଯାହା ଫଳରେ କି ଜଳୀୟବାଷ୍ପ ଆଦୌ ଭିତରେ ପଶି ପାରିବ ନାହିଁ ।''

ବାକ୍ସଟି ପୂରିଯିବା ସାଙ୍ଗେ ସାଙ୍ଗେ ଜଣେ ଲୋକ ତା' ଉପରେ ଢାଙ୍କୁଣୀ ଲଗାଇ ଦିଏ ଓ କଣ୍ଟା ବାଡ଼େଇ ବନ୍ଦ କରିଦିଏ । ତା'ପରେ ସେହି ବାକ୍ସ ଉପରେ ଚା'ର ଗ୍ରେଡ୍, ଗୁଣ ଓ କାରଖାନାର ନାମ ମଧ୍ୟ ଲେଖି ଦିଆଯାଏ ।

"ଭଲ ଗୁଣର ଚା' ବାହାରିଛି କି ନାହିଁ ଜାଣିବା ପାଇଁ ଆମେ ପ୍ରତିଦିନ ଚା' ଗୁଣ୍ଡର ନମୁନା ନେଉ ଓ କାରଖାନାରେ ତାର ସ୍ୱାଦ ପରୀକ୍ଷା କରୁ ।'' ମିଃ ବରୁଆ କହିଲେ । "ସାମାନ୍ୟ ଢୋକଟିଏ ପିଇ ମୁଁ କହିପାରିବି କେଉଁ ଚା' କେଉଁ ଗୁଣର, ତାହା ବେଶୀ ଘବରେ ଗରମ ଅବା କମ୍ ଗରମ କରାଯାଇଛି ।

କାରଖାନା ଭିତରେ ଅନବରତ ଚାଲିଥିବା ଯାନ୍ତ୍ରିକ କୋଳାହଳ ସହିତ କିଛି ସମୟ ପାଇଁ ସେମାନେ ଅଭ୍ୟସ୍ତ ହୋଇ ଯାଇଥିବାରୁ ହଠାତ୍ କାରଖାନା ବାହାରକୁ ଆସିବାମାତ୍ରେ ସେମାନଙ୍କୁ ଅଦ୍ଭୁତ ଜଣାଗଲା ।

ସେମାନେ ଗାଡ଼ି ଚଳାଇ ଚାଲିଯିବା ସଙ୍ଗେ ସଙ୍ଗେ ସକାଳର ମଧ୍ୟାନ୍ତର ଘୋଷଣା କରି କାରଖାନାର ସାଇରେନ୍ ବାଜି ଉଠିଲା ।

Digitized by srujanika@gmail.com

ଅପରାହ୍ଣ 4ଟା ସମୟରେ କାରଖାନା କର୍ମଚାରୀମାନଙ୍କର କାର୍ଯ୍ୟ ଶେଷ ହେଲା । 5ଟା ସମୟରେ ପିଲମାନେ ମଙ୍ଗଳାକୁ ସାଙ୍ଗରେ ନେଇ ମୂଲିଆମାନେ ରହୁଥିବା ବସ୍ତି ଆଡ଼େ ଗଲେ ।

ସେମାନଙ୍କ ଆଗରେ ଲମ୍ବା ଚାଳଘର ଧାଡ଼ିଏ ରହିଥିଲା, ଯାହାର ପ୍ରତ୍ୟେକର ଗୋଟିଏ ଗୋଟିଏ ଛୋଟ ହତା ଥିଲା । ବସ୍ତିର ମଝିରେ ମଝିରେ ନଳକୂଅ ରହିଥିଲା, ଯେଉଁଠାରେ ସ୍ତ୍ରୀଲୋକମାନେ ଦଳଦଳ ହୋଇ ଠିଆ ହୋଇ କଥାବାର୍ତ୍ତା ହେଉଥିଲେ ଓ ସଫାସଫି କରୁଥିଲେ ଏବଂ ଛୋଟ-ପିଲାଏ ଆନନ୍ଦରେ ପାଟିକରି ଖେଳୁଥିଲେ । ବୁଲା କୁକୁରଗୁଡ଼ିଏ ଧୂଳି ରାସ୍ତାରେ ଶୋଇଥିଲେ ଏବଂ ଖଣ୍ଡିଏ କାଦୁଅ ଜାଗାରେ ଦଳେ ଘୁଷୁରି ପଡ଼ିଥିଲେ ।

ଶ୍ରମିକମାନଙ୍କ କ୍ଲବ ପାଖରେ ଥିବା ପଡ଼ିଆରେ ଦଳେ ଯୁବକ ଫୁଟବଲ ଖେଳ ଆରମ୍ଭ କରି ଦେଇଥିଲେ । ଅଧିକାଂଶ ଘରୁ ରେଡ଼ିଓର ସଙ୍ଗୀତ ଶୁଣା ଯାଉଥିଲା ।

"ଆମେ ଯେତେବେଳେ ସୁଯୋଗ ପାଉ, ଗୀତ ଓ ନାଚ ଉପଭୋଗ କରୁ ଏବଂ ମଜା କରୁ ।" ମଙ୍ଗଳା ଅନ୍ୟମାନଙ୍କୁ କହିଲା ।

ପିଲମାନେ ଗୋଟିଏ ଘରେ କାର୍ଯ୍ୟବ୍ୟସ୍ତତା ଲକ୍ଷ୍ୟକରି ସେଠାରେ ଛିଡ଼ା ହୋଇଗଲେ । ଘରର ପ୍ରବେଶ ଦ୍ୱାରଟି ରଙ୍ଗୀନ କାଗଜର ଫୁଲରେ ସଜା ହୋଇଥିଲା । ପୁରୁଷ, ସ୍ତ୍ରୀଲୋକ ଓ ପିଲମାନେ ଅର୍ଦ୍ଧବୃତ୍ତାକାରରେ ବସି ଗୋଟିଏ ଗୀତ ଗାଉଥିଲେ । ପ୍ରାୟ ଛଅଜଣ ହେବ ନର୍ତ୍ତକୀ ପ୍ରତ୍ୟେକ ପର-ସ୍ପରର ଅଣ୍ଟାକୁ ହାତରେ ଧରି ବିଭିନ୍ନ ଭଙ୍ଗୀରେ ସେହି ଗୀତର ତାଳେ ତାଳେ ନାଚୁଥିଲେ ।

"ସେମାନେ ଝୁମୁରୁ ନାଚ ନାଚୁଛନ୍ତି", ମଙ୍ଗଳା କହିଲା ।

ଆମେମାନେ ଅନେକ ପର୍ବ ପାଳନ କରୁ, ଯେଉଁଥିରେ ଝୁମୁରୁ ଗୀତ ବୋଲାଯାଏ ଓ ଆମେ ନାଚୁ । ଟୁସୁପୂଜା ଓ କରମ୍ପୂଜା ଆମର ନିଜ ପର୍ବ, କିନ୍ତୁ ଆମେ ଆସାମୀୟ ବିହୁ, ହୋଲି ଓ କାଳୀପୂଜା ମଧ୍ୟ ପାଳନ କରୁ ।

"ବର୍ତ୍ତମାନ ସେମାନେ କାହିଁକି ନାଚୁଛନ୍ତି ?" ରଜବୀର ପଚାରିଲା ।

"ହଁ, ଜଣେ କେହି ଏହି ସପ୍ତାହ ମଧ୍ୟରେ ବିବାହ କରୁଛି । ସେମାନେ ଆଜିଠାରୁ ବିବାହ ପର୍ବ ପାଳିବା ଆରମ୍ଭ କରିଦେଲେଣି ।"

ସାଓ୍ନାର କୁଡ଼ିଆ, ବସ୍ତିର ଶେଷ ଭାଗରେ ଥିଲା । ପୂର୍ବ ପରିକଳ୍ପିତ ଯୋଜନା ଅନୁସାରେ ମଙ୍ଗଳା ବାହାରେ କିଛି ଦୂରରେ ରହିଲା; ସାଞ୍ଜଳ,

Digitized by srujanika@gmail.com

ରଞ୍ଜବୀର ଓ ଅଳକା ଘର ଭିତରେ ପ୍ରବେଶ କଲେ ।

ସାଓ୍ୱନା ସେମାନଙ୍କୁ ଅଭିବାଦନ ଜଣାଇ ଘରକୁ ଡାକିନେଲା । ମଶିଣା ଉପରେ ସେମାନେ ବସିଲେ ।

"ତୁମର ବଳଦକୁ ନେଇଯାଇଥିବା ସେହି ଚିତାବାଘ ବିଷୟରେ ଆମେ ଶୁଣିବାକୁ ଆସିଛୁ ।" ପ୍ରାଞ୍ଜଳ କହିଲା ।

ସାଓ୍ୱନାର ମୁହଁ ଆଗେ ଆଗେ ଶେତା ପଡିଗଲା । ସେ ଏଭଳି ଭାବ-ଭଙ୍ଗୀ କଲା, ସେଥିରୁ ଜଣାପଡିଲା, ଯେତେ ଯେପରି ସେ ସେହି ଘଟଣା ସବୁ ମନେ ପକେଇବାକୁ ଚେଷ୍ଟା କରୁଛି ।

"ଓଃ, ଏହା ପ୍ରାୟ ପନ୍ଦର ଦିନ ତଳର କଥା । ମୋର ଯାହା ମନେ-ପଡୁଛି, ସେଦିନ ଥିଲା ଏକ ବର୍ଷା ଅନ୍ଧାର ରାତି । ଠିକ୍ ଅଧରାତିରେ ମୁଁ ବାରିପଟ ଗୁହାଳ ଭିତରୁ ଏକ ଭୟଙ୍କର ଶବ୍ଦ ଶୁଣିଲି । ମୁଁ ସେଠାରେ ଦୁଇଟି ବଳଦ ରଖେ । ହାତରେ ଦା' ଧରି ବାହାରକୁ ଆସିଲି । କ'ଣ ଦେଖିଲି ଜାଣ ? ଗୋଟିଏ ବିରାଟ ଚିତାବାଘ ! ଏହା ଗୋଟିଏ ବଳଦର ତଣ୍ଟିକଣା କରି ତାକୁ କାମୁଡି ଘୋଷାରି ଘୋଷାରି ନେଉଥିଲା ।"

"ତୁମ ପାଖରେ ସେତେବେଳେ କିଛି ଆଲୁଅ ଥିଲା ?" ରଞ୍ଜବୀର ପଚାରିଲା ।

"ନା, ଆମେ ଘରେ ଛୋଟ କିରାସିନୀ ବତୀ ବ୍ୟବହାର କରୁ, ତାହା ସେଭଳି ରାତିରେ କିଛି ଦରକାରରେ ଆସି ନଥାନ୍ତା ।"

ପ୍ରାଞ୍ଜଳ ପଚାରିଲା, "ତମେ କ'ଣ ନିଶ୍ଚିତ ଯେ ସେଇଟା ଗୋଟିଏ ଚିତାବାଘ ଥିଲା ? ଏହା ଗୋଟିଏ ମହାବଳ ବାଘ ହୋଇ ପାରିଥାଏ ।"

"ନା, ଗୋଟିଏ ଚିତାବାଘ । ମୁଁ ତା'ର ଦାଗଗୁଡିକ ପରିଷ୍କାର ଦେଖି-ଥିଲି ।

"ତା ପରେ ତୁମେ କ'ଣ କଲ ?"

"ଆଉ କ'ଣ କରିପାରିଥାଆନ୍ତି ? ହେଟା ଅଦି ହୋଇଥିଲେ ମୁଁ ଘଉ-ଡେଇ ଦେଇ ଥାଆନ୍ତି, କିନ୍ତୁ ବୁଝିଲେ ଛୋଟ ଚିତାବାଘ ସହିତ ମୁଁ ଲଢି ପାରିବି ନାହିଁ । ତେଣୁ ପାଟିକଲି, ଗୋଟିଏ ଟିଣ ବାଡେଇଲି ଏବଂ ଖୁବ ପାଟିତୁଣ୍ଡ କଲି ।"

"ତୁମେ ସେହି ବଳଦର ମଲାଦେହ ଦେଖିଲ କି ?"

"ନା, ତାହା ଖୋଜିବା ପାଇଁ ମୁଁ କେବେ ଚେଷ୍ଟା କରିନଥିଲି । ଖୋଜି

Digitized by srujanika@gmail.com

Digitized by srujanika@gmail.com

ବା ଲାଭ କ'ଣ ? ଯେତେବେଳେ ତ ସେ ମଲା ।"

"ତୁମେ ତା'ର ପାଦଚିହ୍ନକୁ ପରୀକ୍ଷା କରିଥିଲ ?" ରଞ୍ଜବୀର ପଚାରିଲା

"କିଛି ନଥିଲା । ବର୍ଷାପାଣିରେ ସବୁ ଧୋଇ ଯାଇଥିଲା ।"

ଘର ପଛପଟେ ଥିବା ଗୁହାଳ ଆଡ଼କୁ ସେମାନେ ଗଲେ । ପିଲାମାନେ ଚାରିପଟ ଭଲ ଭାବରେ ନିରୀକ୍ଷଣ କରି ଦେଖିଲେ ।

"ଆହା କି କଥା ! ତୁମେ ସେ ବାଘ ସହିତ କିପରି ଯୁଦ୍ଧକରି ତାକୁ କବଳିତ କଲ, ସେହି ରୋମାଞ୍ଚକର କଥା ଶୁଣିବା ପାଇଁ ଆମେ ଆସିଥିଲୁ, କିନ୍ତୁ ତୁମେ ତାକୁ କେବଳ ଘଉଡ଼ାଇ ଦେଲ । ହଉ, ଧନ୍ୟବାଦ, ଆମେ ଆସୁଛୁ, ବିଦାୟ ।" ରଞ୍ଜବୀର କହିଲା ।

"ଛୋଟ ସା'ବ", ସାଞ୍ଜଲକୁ ଲକ୍ଷ୍ୟକରି ସାଓ୍ୱନା କହିଲା । "ତୁମ କାରଖାନାରେ ହୋଇଥିବା ଚୋରିକଥା କ'ଣ ହେଲା ? ତୁମ ବାପା ଏ ବିଷୟରେ କିଛି କହିଛନ୍ତି କି ?"

"ଆରେ ହଁ", ସାଞ୍ଜଲ ସିଧା ମୁହଁକୁ ଚାହିଁ କହିଲା । "ସେ ଆଜି ସକାଳେ ପୋଲିସଠାରୁ ଟେଲିଫୋନ ଡାକରା ପାଇଥିଲେ । ଡେକା ଓ ବିର୍‌ଚି ଉଭୟ ରୁହା ବାକ୍‌ସ ଚୋରି କରିଥିବା କଥା ସ୍ୱୀକାର କରିଛନ୍ତି ।

"ସ୍ୱୀକାର କରିଛନ୍ତି ।" ଆଶ୍ଚର୍ଯ୍ୟ ହୋଇ ସାଓ୍ୱନା କହିଲା ।

"ହଁ । ତା'ପରେ ଏହି କେସ୍‌ଟି ବନ୍ଦ କରିଦିଆଗଲା ବୋଲି ପୋଲିସ ଘୋଷଣା କରିଛନ୍ତି । ଚୋରମାନେ ଧରା ହୋଇ ସାରିଥିବାରୁ ବାପା ଆସନ୍ତା କାଲିଠାରୁ ପୁଣି ସେ ଗୋଦାମଘର ବ୍ୟବହାର କରିବାକୁ ଠିକ୍ କରିଛନ୍ତି । କାରଖାନା ଭିତରେ ଥାକମର ହୋଇ ରଖାଯାଇଥିବା ରୁ ବାକ୍‌ସଗୁଡ଼ିକୁ ଆଜି ଗୋଦାମ ଘରକୁ ନିଆଯିବ ।"

ଏକଥା ଶୁଣି ସାଓ୍ୱନା ଆନନ୍ଦରେ ହସିଦେଲା । ତାକୁ ଛାଡ଼ି ପିଲାମାନେ ବାହାରକୁ ଆସିଲେ ।

କିଛି ସମୟ ପରେ ମଙ୍ଗଳା ଆସି ସେମାନଙ୍କ ସାଙ୍ଗରେ ପୁଣି ଯୋଗଦେଲା ଓ ପଚାରିଲା, "କିଛି ଫଳ ହେଲା କି ?"

"ସାଓ୍ୱନା ନିଶ୍ଚିତ ଭାବରେ ଗୁଳିମାରି କଥା କହୁଛି ।" ରଞ୍ଜବୀର କହିଲା । ଅନ୍ଧାରୁଆ ରାତି, ତା' ହାତରେ ଆଲୁଅ କିଛି ନଥିଲା, ବାଘର ପାଦଚିହ୍ନକୁ ବର୍ଷା ଧୋଇ ନେଇଗଲା, ତଥାପି ସେ ନିଶ୍ଚିତ ଯେ, ତାହା ଗୋଟିଏ ଚିତାବାଘ ଥିଲା । ଏପରିକି ସେ ବାଜିମାରି କହୁଛି ଯେ, ସେ ବାଘ ଦେହର

Digitized by srujanika@gmail.com

ଦାଗଗୁଡ଼ିକ ଦେଖିଛି ।"

"ଆମେ ପୁଣି ବାରିଆଡ଼ ଦେଖିଲୁ ।" ସାଞ୍ଜଳ କହିଲା । "ଘର ଚାରିପଟେ ଦିଆଯାଇଥିବା ବାଉଁଶର ବାଡ଼ ଅତି ପୁରୁଣା, ତଥାପି ତାହା ଅକ୍ଷତ ଅବସ୍ଥାରେ ଥିଲା । ଗୋଟିଏ ପୂରା ବଢ଼ିଲା ବଳଦ ବେଶ୍ ଓଜନିଆ ଜନ୍ତୁ ଏବଂ ବାଘଟି କେବେହେଲେ ସୁବିଧାରେ ତାକୁ ଧରି ବାଡ଼ ଡେଇଁ ଚାଲିଯାଇ ନଥିବ । ଯଦି ପ୍ରକୃତରେ ଚିତାବାଘ ହୋଇଥାଆନ୍ତା, ତେବେ ବାଡ଼ ଭାଙ୍ଗିଥାଆନ୍ତା ।"

"ଗୋଟିଏ ବଳଦ ହରାଇ ମଧ୍ୟ ସେ ଖୁବ ଖୁସି ଜଣାପଡ଼ୁଛି । ଗୋଟିଏ ବଳଦର ମୂଲ୍ୟ ବହୁତ ଆଉ ଏହି ବଗିଚାର ଶ୍ରମିକମାନେ ଅତ୍ୟନ୍ତ ଗରିବ ।"

"ହଁ, ମୁଁ ଠିକ୍ ଏହିକଥା ଭାବୁଥିଲି ।" ମଙ୍ଗଳା କହିଲା । "ସାଓ୍ନା ଉପରେ ଆଖି ରଖିବା ଦରକାର ।"

"ଆମେ ଠିକ୍ ସେଇଆ କରିବା", ସାଞ୍ଜଳ କହିଲା । "ମୁଁ ତାକୁ ଗୁଡ଼ିଏ ଭୁଲ୍ ଖବର ଦେଇଛି । ଆମେ ଆଜି ରାତିରେ ଏଠାକୁ ଫେରିବା ଏବଂ ଦେଖିବା ସେ ତା' ଉପରେ କ'ଣ ପଦକ୍ଷେପ ନେଉଛି ।"

Digitized by srujanika@gmail.com

9

ରାତି ପ୍ରାୟ 11ଟା ସମୟରେ ସାଞ୍ଜଲ ଓ ରଞ୍ଜବୀର ଶେଯରୁ ଖସିଆସିଲେ ଓ ପାଦ ଟିପି ଟିପି ପାହାଚଗୁଡ଼ିକୁ ଓହ୍ଲାଇ ଆସିଲେ । ସେମାନେ ବଙ୍ଗଳାଘର ଛାଡ଼ି କାଠଘର ନିକଟକୁ ଆସିଲାବେଳେ ରାତିରେ ବିନା ଶିକୁଳିରେ ଥିବା ଟାଫି ମଧ୍ୟ ସେମାନଙ୍କ ସହିତ ଯୋଗ ଦେଲା । ସାଞ୍ଜଲ ଦୁଇଥର ଟର୍ଚ୍ଚ ଜଳାଇ ଲିଭାଇ ଦେଲା ଓ ଅନ୍ଧାର ମଧ୍ୟରୁ ମଙ୍ଗଳା ବାହାରି ସେମାନଙ୍କୁ ଚୁପ୍ ଚୁପ୍ କରି କହିଲା—"ଆସ, ଆଉ ସମୟ ନଷ୍ଟ କରିବାର ନୁହେଁ ।"

ତିନିଜଣଯାକ ଦ୍ରୁତଗତିରେ ଆଗେଇ ଚାଲିଲେ । ଗାଢ଼ ଅନ୍ଧାର ଘୋଟି ରହିଥିଲା । ଆକାଶରେ କଳା ବାଦଲ ଘୋଟିଥିଲା । ବେଳେ ବେଳେ ଦୂରରେ ବିଜୁଳି ଏକ ଆକସ୍ମିକ ଝଡ଼ର ସୂଚନା ଦେଉଥିଲା ।

ରାତିରେ ବଗିଚାର ସବୁ ରାସ୍ତା ଏକାପରି ଦେଖାଯାଉଥିଲା । ଯଦି ମଙ୍ଗଳା ସେହି ରାସ୍ତା ଜାଣି ନଥାଆନ୍ତା, ତେବେ ପିଲାମାନେ ନିଶ୍ଚିତ ରାସ୍ତା ହରାଇ ଥାଆନ୍ତେ । ମଙ୍ଗଳା ସେମାନଙ୍କୁ ନିର୍ଭୁଲ ଭାବରେ ବସ୍ତିରେ ଥିବା ସାଓ୍ୱନାର ଘରକୁ ବାଟ ଦେଖାଇ ନେଲା ।

ଅନ୍ୟ କୁଡ଼ିଆଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଥିଲା । କିନ୍ତୁ ସାଓ୍ୱନାର କୁଡ଼ିଆରେ କ୍ଷୀଣ ଆଲୋକର ଶିଖାଟିଏ ଦେଖା ଯାଉଥିଲା । ପିଲାମାନେ ନିଃଶବ୍ଦରେ କାନ୍ଥ ପାଖକୁ ଯାଇ କାନ୍ଥରେ ଥିବା ବାଉଁଶ ଝରକା ଦେଇ ଭିତରକୁ ଚାହିଁଲେ ।

ସାଓ୍ୱନା ଭିତରେ ଥାଇ କେଉଁଆଡ଼େ ଯିବାପାଇଁ ପ୍ରସ୍ତୁତ ହେଉଥିଲା । ସେ ତା'ର ଓସାରିଆ ଛୁରୀଭଳି ଦାଆଟିକୁ ଧରିଲା ଓ ଆଲୁଅ ଲିଭାଇଦେଲା । ତା ପରେ ଦୁଆରକୁ ଖୁବ ଆସ୍ତେ ବନ୍ଦ କରିଦେଇ ସେ ଘରୁ ବାହାରକୁ ବାହାରିଗଲା ।

ପିଲାମାନେ ଅନ୍ଧାରରେ ଛାଇ ସହିତ ମିଶିଗଲା ଭଳି ଲୁଚି ଯାଇଥିଲେ । ଏକ ମୁହୂର୍ତ୍ତକର ଉଦ୍‌ବେଗରେ ସାଓ୍ୱନା ଠିଆ ହୋଇଯାଇ ଚାରିଆଡ଼କୁ ଭଲ ଭାବରେ ନିରୀକ୍ଷଣ କଲା, ନିଶ୍ଚିତ ହେବା ପାଇଁ ଯେ, ତାକୁ କେହି ଦେଖୁନାହାନ୍ତି । ତା'ପରେ ସେ ଖୁବ ଜୋରରେ ବାହାରି ଚାଲିବାକୁ ଲାଗିଲା ।

ପିଲାମାନେ ନିରାପଦ ଦୂରତ୍ୱ ବଜାୟ ରଖି ତାକୁ ଅନୁସରଣ କରିବାକୁ ଲାଗିଲେ ।

ହଠାତ୍ ରଞ୍ଜବୀରର ଛାତି ଅସ୍ୱାଭାବିକ ଭାବରେ ଥରି ଉଠିଲା । ଅତର୍କିତ ଭାବରେ ସେମାନଙ୍କ ଚାରିପଟେ ଉତ୍ପାତ ଖବର ଖେଳିଗଲା ।

Digitized by srujanika@gmail.com

Digitized by srujanika@gmail.com

'ସେ କ'ଣ ?' ରଣବୀର ଭୟରେ ପଚାରିଲା ।

"ବିଲୁଆଗୁଡ଼ାଏ । ଯଦି ସେମାନଙ୍କ ମଧ୍ୟରୁ ଜଣେ କେହି ବୋବାଏ, ତେବେ ସମସ୍ତେ ତା' ସହିତ ପାଳି ଧରିବେ ।" ମଙ୍ଗଳା ଉତ୍ତର ଦେଲା ।

ଭୟ ଓ ଉତ୍ତେଜନାରେ ପ୍ରାଞ୍ଜଳର ହୃଦୟ ମଧ୍ୟ ଜାମ୍ ହୋଇଗଲା । ଅନ୍ଧାରିଆ, ଭୟାନକ ପରିବେଶ, ବାଉଁଶର ବଣ ଦେଇ ଆସୁଥିବା ପବନର ସୁ ସୁ ଶବ୍ଦ, ବିଲୁଆମାନଙ୍କର ଭୟଙ୍କର ବିକଟ ଚିତ୍କାର ଏ ସମସ୍ତ ତାଙ୍କର ଆଶଙ୍କାକୁ ଦ୍ୱିଗୁଣିତ କରୁଥିଲା । କିଏ କହିବ, ଆଖପାଖରେ କେଉଁଠି ଚିତା-ବାଘଟାଏ ବି ନଥିବ ?

ସାଓ୍ୱନା ବଗିଚା ମଧ୍ୟରୁ ବାହାରି ଜାତୀୟ ରାଜପଥ ଉପରେ ଚାଲି-ବାରେ ଲାଗିଲା । ଏହି ଜାଗାରେ ସପ୍ତାହରେ ପ୍ରତି ରବିବାର ହାଟ ବସେ । ସେଠାରେ ଛୋଟ ଛୋଟ କୋଠାଘରରୁ ଛୋଟିଆ ଧାଡ଼ିଟିଏ ଥିଲା । ସେଗୁ-ଡ଼ିକୁ ବ୍ୟବସାୟୀମାନେ ଦୋକାନ ତଥା ନିଜର ବାସଗୃହ ଭାବରେ ବ୍ୟବ-ହାର କରୁଥିଲେ । ସାଓ୍ୱନା ଏହାରି ଭିତରୁ ଗୋଟିଏ ଘରକୁ ଗଲା ଏବଂ କବାଟରେ ଆଘାତ କଲା ।

ପ୍ରଥମେ କିଛି ସମୟ କଥାବାର୍ତ୍ତା ହେଲା । ତା'ପରେ କେହିଜଣେ ଶିକୁଳି ଖୋଲି ସାଓ୍ୱନାକୁ ଭିତରକୁ ଯିବାକୁ ଦେଲା । ସେ ଭିତରକୁ ଗଲାପରେ ଦ୍ୱାର ପୂର୍ବପରି ବନ୍ଦ ହୋଇଗଲା ଓ ଶିକୁଳି ଲାଗିଲା ।

ଗୋଟିଏ ଅଣଓସାରିଆ ତଥା ଦୁର୍ଗନ୍ଧଯୁକ୍ତ ନାଳ ସେହି ଦୋକାନଟିକୁ ଅନ୍ୟ ପଡ଼ୋଶୀ ଦୋକାନଠାରୁ ବିଚ୍ଛିନ୍ନ କରୁଥିଲା । ପିଲାମାନେ ସେହି ନାଳ ପାର ହୋଇଗଲେ, ସେମାନଙ୍କର ନାକ ଦୁର୍ଗନ୍ଧରେ ଫାଟି ପଡ଼ୁଥାଏ । ଏକ ଅଧାଖୋଲା ଝରକା ପାଖରେ ପହଞ୍ଚିବା ଯାଏଁ ପାଦ ଚିପି ଚିପି ଚାଲିଲେ । ମଙ୍ଗଳା ସାବଧାନରେ ଭିତରକୁ ଚାହିଁଲା ଏବଂ ତା'ପରେ ପ୍ରାଞ୍ଜଳ ଓ ରଣ-ବୀରକୁ ଦେଖିବାର ସୁଯୋଗ ଦେବାଲାଗି ଟିକିଏ କଡ଼କୁ ଘୁଞ୍ଚିଗଲା ।

ପାଞ୍ଚଜଣ ଲୋକ ଗୋଟିଏ ଖଟ ଉପରେ ଚକା ପକାଇ ବସି ତାସ ଖେଳୁଥିଲେ । ସାଓ୍ୱନା ଗୋଟିଏ କାଠ ଟୁଲ ଉପରେ ବସିଥିଲା ।

ପାଞ୍ଚଜଣଯାକ ଲୋକଙ୍କର ମୁହଁ ଅତ୍ୟନ୍ତ କଦର୍ଯ୍ୟ ଓ ଭୟଙ୍କର ଥିଲା । ସାଓ୍ୱନା ଜଣେ ବଡ ବଳୁଆ ତଥା ଶକ୍ତିଶାଳୀ ଦିଶୁଥିବା ଲୋକ ସହିତ କଥାବାର୍ତ୍ତା ହେଉଥିଲା, ଯିଏ କି ସେମାନଙ୍କର ନେତା ବୋଲି ଜଣା ପଡ଼ୁ-ଥିଲା ।

Digitized by srujanika@gmail.com

"କୂଳ ଏଥର ପରିଷ୍କାର", ସାଓ୍ନା କହିଲା । "ଡେକା ଓ ବିର୍ଚି ଚୋରି କଥା ସ୍ୱୀକାର କରିଛନ୍ତି, ଭଗବାନ ଜାଣନ୍ତି କାହିକି ?"

"ଏ କଥା ଅନୁମାନ କରିବା ସହଜ", ସେହି ଶକ୍ତିଶାଳୀ ଲୋକଟି କହିଲା । "ପୋଲିସର ଚାପ ଭୟରେ ସେମାନେ ମାନି ଯାଉଛନ୍ତି । ନିଶ୍ଚୟ କୋର୍ଟରେ ମନା କରିବେ ।"

"ମାଲିକ କାଲିଠାରୁ ପୁଣି ସେହି ଗୋଦାମଘର ଚାଲୁ କରିବା ପାଇଁ ଭାବୁଛନ୍ତି । କାରଖାନା ଘରେ ଚା ବାକ୍ସଗୁଡ଼ିକ ଭର୍ତ୍ତି ହୋଇଗଲାଣି, ତେଣୁ ସ୍ଥାନାନ୍ତରିତ କରିବା ଦରକାର ହେଉଛି । ଅବଶ୍ୟ ତାଙ୍କର ଧାରଣା ନାହିଁ ଯେ, ପୋଲିସ ଭୁଲ ଲୋକଙ୍କୁ ଗିରଫ କରିଛି ବୋଲି ।"

"ସେହି ଚା' କେଉଁ ଗୁଣର ହେବ ?" ଦଳର ସର୍ଦ୍ଦାର ପଚାରିଲା ।

"ଏହା ହେଉଛି ଆମ ବଗିଚାରୁ ବାହାରୁଥିବା ସବୁଠାରୁ ଭଲ ଚା । ମାର୍କେଟରେ ଏହାର ମୂଲ୍ୟ ଅଧିକ ହେବ ।"

Digitized by srujanika@gmail.com

ସର୍ଦ୍ଦାରର ମୁହଁ ଆନନ୍ଦରେ ଉଜ୍ଜ୍ୱଳ ଦେଖାଗଲା । "ତା'ହେଲେ କାଲି ରାତିରେ ଆମେ ଆଉଥରେ ଚଢ଼ାଉ କରିବା ।"

ସେଠାରେ ଅତିମାତ୍ରାରେ ବିସ୍ମୟ ଖେଳିଗଲା । ଅନ୍ୟମାନେ ତତ୍‌କ୍ଷଣାତ୍ ପ୍ରତିବାଦ କଲେ ।

ଜଣେ କହିଲା, "ଏତେ ଦୂର ଆମର ଭାଗ୍ୟ ପରୀକ୍ଷା ନକରିବା ଭଲ ।" "ଏତେ ଶୀଘ୍ର ଦ୍ୱିତୀୟ ଚଢ଼ାଉ ଅତ୍ୟନ୍ତ ବିପଦପୂର୍ଣ୍ଣ ।" ଆଉଜଣେ ମନ୍ତବ୍ୟ ଦେଲା ।

"ନା, ଆଦୌ ନୁହେଁ", ସର୍ଦ୍ଦାର ସେମାନଙ୍କୁ ନିର୍ଭର ଆଶ୍ୱାସନା ଦେଲା । "ଆମମାନଙ୍କର କାର୍ଯ୍ୟପ୍ରଣାଳୀ ସମ୍ପୂର୍ଣ୍ଣ ପ୍ରମାଦଶୂନ୍ୟ ଓ ଅବ୍ୟର୍ଥ । ସେମାନଙ୍କୁ ଆଶ୍ଚର୍ଯ୍ୟ କରିଦେବାର ସୁବିଧା ମଧ୍ୟ ଆମର ଅଛି । କେହିହେଲେ ଆଉ ଏକ ଡକାୟତି ଆଶା କରୁ ନଥିବେ, କାରଣ ଚୋରମାନେ ଧରା ପଡ଼ିଛନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ । ଆମେ ପ୍ରଥମଥର ଯେଉଁଳି ସଫଳତାର ସହ କାର୍ଯ୍ୟ ହାସଲ କରିଥିଲେ ଏଥର କେବଳ ତାହାର ପୁନରାବୃତ୍ତି କରିବାକୁ ପଡ଼ିବ ।"

"କିନ୍ତୁ ଏହା ଫଳରେ ପୋଲିସ ଖୁବ ଶୀଘ୍ର ଜାଣିଯିବ ଯେ, ଡେକା ଓ ବିର୍‌ଚି ପ୍ରକୃତ ଅପରାଧୀ ନୁହନ୍ତି ।" ସାଓ୍ୱନା ଜଣାଇ ଦେଲା ।

"ସେଇଠୁ କ'ଣ ହେଲା । ସେମାନେ ସେହିକଥା ଶୀଘ୍ର ହେଉ ବା ଡେରିରେ ହେଉ ନିଶ୍ଚିତ ଜାଣିପାରିବେ । ଆଉ ଗୋଟିଏ ଡକାୟତି ଆମ ସମସ୍ତଙ୍କ ପାଇଁ ବେଶ୍ କିଛି ଟଙ୍କା ଆଣିଦେବ ।"

ବର୍ତ୍ତମାନ ସବୁ ଲୋକଙ୍କ ମୁଖମଣ୍ଡଳରେ ଲୋଭ କାୟା ବିସ୍ତାର କରି-ଥିଲା । ତେଣୁ ସେମାନଙ୍କୁ ବୁଝେଇବା ପାଇଁ ବେଶୀ ସମୟ ଲାଗିଲା ନାହିଁ ।

ପିଲାମାନେ ଆଉ କିଛି ମୁହୂର୍ତ୍ତ ଶୁଣିଲେ ଏବଂ ତା'ପରେ ପାଦ ଘଷାଇ ଆସିଲେ ।

ମଙ୍ଗଳା କହିଲା, "ମୁଁ ସେ ଦଳପତିକୁ ଜାଣେ । ସେ ହେଉଛି ଏହି ଦୋକାନର ମାଲିକ । ଅନ୍ୟମାନେ ମୋର ଅପରିଚିତ ।"

"ଆମେ ଯାହା କରିବା କଥା କରିସାରିଛେ । ବର୍ତ୍ତମାନ ଏହା ପୋଲିସ ଉପରେ ନିର୍ଭର କରେ ।" ଗ୍ରାଞ୍ଜଲ କହିଲା ।

ମଙ୍ଗଳା ସେମାନଙ୍କୁ ନିରାପଦରେ ବଙ୍ଗଳାରେ ପହଞ୍ଚାଇ ଦେଲା । ତା' ପରେ ସେମାନଙ୍କୁ ତରତରରେ ବିଦାୟ ଜଣାଇ ଅନ୍ଧକାର ମଧ୍ୟରେ ଲୁଚି-ଗଲା ।

Digitized by srujanika@gmail.com

ପରଦିନ ସକାଳେ ଦୁଇଟି କାଉଙ୍କର କଳହଜନିତ କୋଳାହଳରେ ପିଲା-ମାନଙ୍କର ନିଦ ଭାଙ୍ଗିଗଲା । ସେମାନେ ଆଉ ପାଇଜାମା ବଦଳାଇବାରେ ସମୟ ନଷ୍ଟ ନକରି ସିଧା ମିଃ ବରୁଆଙ୍କ ପାଖକୁ ଦୌଡ଼ିଲେ ।

ସେମାନେ ସୁଡ଼ଙ୍ଗଠାରୁ ଆରମ୍ଭକରି ନଦୀରେ ଲୁଚା ଯାଇଥିବା ଡଙ୍ଗା, ଦୋକାନୀ ସହିତ ସାଓ୍ୱନାର ସମ୍ପର୍କ ଓ ତାଙ୍କର ବେଶବଦଳ କଥା କହିଲେ । ମିଃ ବରୁଆ ଗମ୍ଭୀର ହୋଇ ସବୁ ଶୁଣିଲେ ।

ସେ ପୋଲିସ ଷ୍ଟେସନକୁ ଫୋନ କଲେ । କୋଟୋକି ବାବୁ ତତ୍-କ୍ଷଣାତ୍ ଆସି ପହଞ୍ଚିଗଲେ । ପିଲାମାନେ ପୁଣିଥରେ ସେମାନଙ୍କର କାହାଣୀ ଯେମିତି ଶୁଣେଇବାକୁ ଆରମ୍ଭ କଲେ । ପ୍ରଥମେ କୋଟୋକି ସେସବୁ ପ୍ରତି ଗୁରୁତ୍ୱ ନଦେବା ଲାଗି ଚେଷ୍ଟା କଲେ; କିନ୍ତୁ କଥାଟି ସମ୍ପୂର୍ଣ୍ଣ ଶୁଣି ପାରିବା ପରେ ଲଜ୍ଜାରେ ତାଙ୍କର ମୁହଁ ଲାଲ ପଡ଼ିଗଲା ।

ଶେଷରେ ସେ ତାଙ୍କର ପୂର୍ବ ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ପାଇଁ କ୍ଷମା ମାଗିବା ଲାଗି ବାଧ୍ୟ ହେଲେ । "ପିଲାମାନେ, ତୁମେ ଏକ ଚମତ୍କାର କାମ କରିଛ", ସେ ସ୍ୱୀକାର କଲେ । "ବର୍ତ୍ତମାନ ଆମେ ନିଶ୍ଚୟ ସେ ଦଳକୁ ଧରିବା । ଆଜି ରାତିରେ ସେମାନେ ଯେତେବେଳେ ଚେଷ୍ଟା କରିବେ, ଆମେ ସେମାନଙ୍କୁ ଧରିବା ପାଇଁ ଫାନ୍ଦ ବସେଇବା ।"

ମିଃ ବରୁଆ ତାଙ୍କ ବଗିଚାର ଏକ ମାନଚିତ୍ର ଆଣିଲେ । ଅତର୍କିତ ଆକ୍ର-ମଣ କରିବା ପାଇଁ ସେହି ସୁଡ଼ଙ୍ଗର ପ୍ରବେଶ ଦ୍ୱାର ଓ ଶେଷପଟ ଡଙ୍ଗା ନିକ-ଟକୁ କେନ୍ଦ୍ରସ୍ଥଳ ରୂପେ ଧରାଗଲା ।

"ଆମ୍ଭେମାନେ ଏହିସବୁ ସ୍ଥାନମାନଙ୍କରେ ବହୁସଂଖ୍ୟକ ପୋଲିସଙ୍କୁ ରଖିବା । ସେମାନେ ଗଛ ବୁଦାମାନଙ୍କ ମଧ୍ୟରେ ଲୁଚି ରହିବେ । ମୁଁ ନିଜେ ଗୋଦାମ ଘରେ ରହି କାର୍ଯ୍ୟ କରିବାର ନିର୍ଦ୍ଦେଶ ଦେବି ।" କୋଟୋକି ବାବୁ କହିଲେ ।

ମିଃ ବରୁଆ କହିଲେ, "ସେହି ଚା ବାକ୍ସଗୁଡ଼ିକ ବହୁତ ଓଜନିଆ । ଗୋଦାମ ଘରଠାରୁ ନଦୀ ବହୁତ ଦୂର । ସେମାନେ କିପରି ଏତେବାଟ ବୋହିକରି ନେବେ, ମୁଁ କଳ୍ପନା କରିପାରୁ ନାହିଁ ।"

"ସେ କଥା ଯୁକ୍ତିଯୁକ୍ତ", କୋଟୋକି ରାଜି ହେଲେ । "ତେଣୁ ସେମାନେ ନିଶ୍ଚିତ କୌଣସି ପରିବହନର ବ୍ୟବସ୍ଥା କରିଥିବେ । ଏହା କଦାପି ଏକ ମୋଟର ଚାଳିତ ଯାନ ହେବ ନାହିଁ, କିନ୍ତୁ ଏପରି ଗୋଟିଏ ହୋଇଥିବ,

Digitized by srujanika@gmail.com

ଯାହା କୌଣସି ଶବ୍ଦ କରୁ ନଥିବ ।"

"ଆଚ୍ଛା, ଆପଣଙ୍କର ପୋଲିସ୍‌ବାଲାଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଆମ ବଗିଚାର 'କର୍ମଚାରୀଙ୍କୁ ଆଣିବା ଉଚିତ୍ ହେବ କି ?" ମିଃ ବରୁଆ ପଚାରିଲେ ।

"ତାହା ଠିକ୍ ହେବ ନାହିଁ ।" କୋଟୋକି କହିଲେ, "ରାତିରେ ଏତେ ବେଶୀ ଲୋକ ଜବୁକଥା ବିଗାଡି ଦେଇପାରନ୍ତି । ମୋର ପୋଲିସ୍ ଲୋକେ ତାଲିମପ୍ରାପ୍ତ । ସେମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ମଧ୍ୟ ଥିବ । ଅବଶ୍ୟ ମୁଁ ନିଶ୍ଚୟ ଦେଖିବି ଯେ, ସେମାନେ ପୋଲିସ୍ ପୋଷାକରେ ରହିବେ ନାହିଁ ।"

"ତା'ର କ'ଣ ଆବଶ୍ୟକତା ଅଛି ?" ରାଜବୀର ପଚାରିଲା । "ଯାହା-ହେଲେ ବି ରାତିରେ ସେମାନେ କ'ଣ ପିନ୍ଧିଛନ୍ତି ତାହା ଜାଣିବା ଅନ୍ୟମାନଙ୍କ ପକ୍ଷରେ ସହଜ ହେବନାହିଁ ।"

"ମୁଁ ଭାବିଥିବା ଯୋଜନା ଅନୁସାରେ ସେମାନେ ନିଶ୍ଚୟ ସାଦା ପୋଷାକରେ ରହିବେ । ତମେ ଦେଖ, ଆମେ ନଦୀର ଅପର ପାର୍ଶ୍ୱରେ ଅପେକ୍ଷା କରିଥିବା ଟ୍ରକ୍ କଥା ଭୁଲିଗଲେ ଚଳିବ ନାହିଁ କିମ୍ବା ପୂର୍ବରୁ ପ୍ରେରି ଯାଇଥିବା ଚା ବାକ୍ସ କଥା । ବର୍ତ୍ତମାନ ଆମେ କ'ଣ କରିବା, ତାହା ହେଉଛି ଏଇଟା ..."

ରାତିଟି ଅନ୍ଧାରୁଆ ଓ ଗୁଳୁଗୁଳିଆ ଥିଲା । ମେଘାଚ୍ଛନ୍ନ ଆକାଶ ଯୋଗୁ ଚନ୍ଦ୍ର ଓ ତାରା ସବୁ ଲୁଚି ଯାଇଥିଲେ । ସେହି ଗଭୀର ଅନ୍ଧକାର ମଧ୍ୟରେ ଅସ୍ତ୍ରଧାରୀ ପୋଲିସମାନେ ନୀରବରେ ଅପେକ୍ଷା କରିଥିଲେ । ସେମାନଙ୍କର ମୁଖମଣ୍ଡଳ ଉତ୍ତେଜନାପୂର୍ଣ୍ଣ ରହିଥିଲା ।

ସେହି ଗୋଦାମଘର ଭିତରେ ତିନିଜଣ ଲୋକଙ୍କ ସହିତ କୋଟୋକି ଚାହା ବାକ୍ସଗୁଡିକ ପଛପଟେ ଛପି ରହିଥିଲେ । ସେମାନଙ୍କ ହାତରେ ଗୁଳି-ଭରା ରିଭଲଭର ଥିଲା ।

ମିଃ ବରୁଆଙ୍କର ରାଇଫଲଟିଏ ଥିଲା । ସେ ସୁଡଙ୍ଗର ପ୍ରବେଶ ପଥରୁ କିଛି ଦୂରରେ ଗୋଟିଏ ଝାଙ୍ଗାଗଛ ମୂଳରେ ଠିଆ ହୋଇଥିଲେ । ତାଙ୍କ ପାଖରେ ରାଜବୀର, ପ୍ରାଞ୍ଜଳ ଓ ଅଳକା ବିଚଳିତ ଅବସ୍ଥାରେ ଠିଆ ହୋଇ-ଥିଲେ । ସେମାନଙ୍କର ହୃଦୟ ଉତ୍ତେଜନାରେ ଥରୁଥିଲା, ସାମାନ୍ୟ ଶବ୍ଦ ପାଇଁ କାନ ସଜାଗ ରହିଥିଲା । ଟାଫି ଛାଇ ଭଳି ନୀରବରେ ସେମାନଙ୍କ ପାଖରେ ବସିଥିଲା ।

ମଶା ଓ ଡାଆଁଶଙ୍କ କବଳରୁ ରକ୍ଷା ପାଇବା ପାଇଁ ସେମାନେ ନିଜ

Digitized by srujanika@gmail.com

ଦେହରେ ଲୁଣ ଓ ସିଟ୍ରୋନେଲା ତେଲର ଏକ ମଲମ ବୋଲି ହୋଇଥିଲେ । ଦଳେ ମଶା ତାଙ୍କ ମୁଣ୍ଡ ଚାରିପାଖେ ଗୁଣୁଗୁଣୁ ହେଉଥିଲେ, ନହେଲେ ସମ୍ପୂର୍ଣ୍ଣ ନୀରବତା ଭରି ରହିଥିଲା ।

ହଠାତ୍ ଟାପି ଉତ୍ତେଜିତ ହୋଇ ଭାରୀ ଗଳାରେ ଆସ୍ତେ କରି ଏକ ପାଟିକଲା ।

ସମସ୍ତେ ସାବଧାନ ହୋଇଗଲେ, ସେମାନଙ୍କର ସନ୍ଧାନୀ ଦୃଷ୍ଟି ଅନ୍ଧାରକୁ ଭେଦ କରିବାକୁ ଚେଷ୍ଟା କଲା । ସେମାନଙ୍କୁ ବଳଦଗାଡ଼ିର ଧକାର ପ୍ରକାର ଦେଖାଯିବା ପୂର୍ବରୁ ତା'ର ମସମସ ଶବ୍ଦ ଶୁଭିଲା ।

"ଏଇଟା ହେଉଛି ସାଓ୍ୱନାର ବଳଦ, ଯେଉଁଟିକୁ ବାଘ ଟେକି ନେଇ ଯାଇଥିଲା ।" ମଙ୍ଗଳା ବ୍ୟଙ୍ଗକରି ଚୁପ ଚୁପ କହିଲା ।

ସୁଡ଼ଙ୍ଗର ପ୍ରବେଶ ଦ୍ୱାର ନିକଟରେ ବଳଦଗାଡ଼ିଟି ଅଟକିଲା । ଚାରିଜଣ ଲୋକ ଗାଡ଼ିରୁ ତଳକୁ ଡେଇଁ ପଡ଼ିଲେ ଓ ସୁଡ଼ଙ୍ଗ ମୁହଁରୁ ବାଉଁଶର ଘୋଡ଼ଣୀକୁ ତରତରରେ କାଢ଼ିଦେଲେ । ସେମାନଙ୍କ ମଧ୍ୟରୁ ତିନିଜଣ ଗୁରୁଣ୍ଡି ଗୁରୁଣ୍ଡି ସୁଡ଼ଙ୍ଗ ମଧ୍ୟରେ ପ୍ରବେଶ କଲେ ଓ ଚତୁର୍ଥ ଜଣକ ବାହାରେ ଅପେକ୍ଷା କଲା ।

ବଳଦଗାଡ଼ି ମଧ୍ୟରେ ଗୋଟିଏ ଡିଆସିଲି କାଠି ଜଳି ଉଠିଲା । ଗାଡ଼ିର ଚାଳକ ତାର ବିଡ଼ି ଲଗେଇଲା । ସେହି ଡିଆସିଲି କାଠିର ଝଲକରେ ଗୋଟିଏ କଳାଦାଗ ଥିବା ଅସୁନ୍ଦର ମୁହଁ ଦେଖାଗଲା । ସେ ଥିଲା ସାଓ୍ୱନା ।

କୋଡ଼ିଏ ମିନିଟ୍ ପରେ ସୁଡ଼ଙ୍ଗର ଦ୍ୱାର ଦେଶରେ ପ୍ରଥମ ଗୁହା ବାକ୍ସଟିକୁ ଦେଖିବାକୁ ମିଳିଲା । ଏହା ବାହାରେ ଥିବା ଲୋକଟିକୁ ବଢ଼େଇ ଦିଆଗଲା, ଯିଏ ସାଓ୍ୱନାର ସହାୟତାରେ ତାକୁ ନେଇ ବଳଦଗାଡ଼ି ଉପରେ ରଖିଲା ।

ପୋଲିସଙ୍କ ଭିତରୁ ଜଣେ ବୁଢ଼ା ଭିତରୁ ବାହାରି ପଡ଼ି ଫୁସ ଫୁସ କରି କହିଲା, "ବର୍ତ୍ତମାନ", ଏବଂ ସବୁ ଦିଗରୁ ପୋଲିସମାନେ ରାଇଫଲ ଦେଖାଇ ସେମାନଙ୍କ ନିକଟକୁ ମାଡ଼ି ଆସିଲେ । ସାଓ୍ୱନା ଓ ଅନ୍ୟ ଲୋକଟି ଆଶ୍ଚର୍ଯ୍ୟରେ ଆଁ କରି ଅନେଇ ରହିଲେ, ହଠାତ୍ ଯେତେବେଳେ ନିଜକୁ ଚାରିପଟେ ପୋଲିସର ଘେର ଭିତରେ ଆବିଷ୍କାର କଲେ । ସେମାନଙ୍କ ହାତରେ ତୁରନ୍ତ ହାତକଡ଼ି ପିନ୍ଧାଇ ଦିଆଗଲା ।

ଗୋଦାମ ଘରେ ଶ୍ରେଣୀବଦ୍ଧ ଆଉ ଗୋଟିଏ ବାକ୍ସ ଉଠାଇବା ବେଳେ

Digitized by srujanika@gmail.com

କୋଟୋକି ଏବଂ ଅନ୍ୟମାନେ ତା' ଉପରକୁ କୁଦି ପଡ଼ିଲେ । ସେ ଥିଲା ଦଳର ସର୍ଦ୍ଦାର । ସେହି ଲୋକଟି ବିଜୁଳି ପରି ଚଞ୍ଚଳ ଥିଲା । ସେ ବାକ୍ସଟି ଫୋପାଡ଼ି ଦେଇ ସାଙ୍ଗେ ସାଙ୍ଗେ ସୁଡ଼ଙ୍ଗ ଭିତରକୁ ପଶିଗଲା ଓ ଅଣ୍ଟାରେ ଥିବା ରିଭଲଭରକୁ ଅଣ୍ଟାଳିଲା । କୋଟୋକିଙ୍କର ବନ୍ଧୁକ ଥରେ ଗର୍ଜି ଉଠିଲା । ଗୁଳିଟି ଲୋକଟିର ଠିକ୍ ଡାହାଣ କାନ୍ଧ ତଳେ ଯାଇ ବାଜିବାରୁ ଯନ୍ତ୍ରଣାରେ ସେ ଚିତ୍କାର କରି ଉଠିଲା ।

Digitized by srujanika@gmail.com

ବନ୍ଧୁକ ଫୁଟିବାର ଶବ୍ଦରେ ସତର୍କ ହୋଇଯାଇ ସୁଡ଼ଙ୍ଗ ଭିତରେ ଥିବା ଅନ୍ୟ ଲୋକ ଦୁଇଜଣ ବିକଳରେ ଗୁରୁଣ୍ଡି ଗୁରୁଣ୍ଡି ଅନ୍ୟପାଖକୁ ଚାଲିଗଲେ କରୁଥିବା ସମୟରେ ଜଣେ କଠୋର ପୋଲିସ ନୌଚାଳକକୁ ଗୋଦାମ ଘରକୁ ଠେଲି ଠେଲି ଆଣିଲା ।

ସେ ପ୍ରକାଶ କଲା, "ସାର୍, ଏ ଠିକ୍ ଗୋଟିଏ ହୋଡ଼ିମାଛ ଭଳି ଖସି ପଳାଇ ଯାଉଥିଲା । ନଈ ଭିତରୁ ତାକୁ ଟାଣିକରି ଆଣିବାକୁ ପଡ଼ିଲା ।"

ତା' ପରଠାରୁ ସେମାନେ ପ୍ରସ୍ତୁତ କରିଥିବା ପରବର୍ତ୍ତୀ ଯୋଜନା ବେଶ୍ ସହଜରେ ଓ ସଂକ୍ଷେପରେ କାର୍ଯ୍ୟକାରୀ କରାଗଲା । ଚୋରମାନଙ୍କ ମନରେ କୌଣସି ସନ୍ଦେହର ସୁଯୋଗ ନଦେବା ପାଇଁ ସେମାନେ ଦୁଇଘଣ୍ଟା ସମୟ ବିତାଇଲେ, ତା'ପରେ କୋଟୋକିଙ୍କ ନେତୃତ୍ୱରେ ପୋଲିସ ଭର୍ତ୍ତି ଡଙ୍ଗାଟିକୁ ଡଙ୍ଗାର ଚାଳକ ଓ ଦଳର ସର୍ଦ୍ଦାର ନଈର ବିପରୀତ କୂଳକୁ ବାଟ କଢ଼ାଇ ନେଲେ ।

ସେଠାରେ ଟ୍ରକଧରି ଅପେକ୍ଷା କରିଥିବା ତିନିଜଣ ଲୋକ ଚା' ବାକ୍ସ ପରିବର୍ତ୍ତେ ସାଦା ପୋଷାକଧାରୀ ପୋଲିସ ପହଞ୍ଚିବାର ଦେଖି ବିରାଟ ଧକ୍କା ଅନୁଭବ କଲେ । ବିନା ସଂଘର୍ଷରେ ସେମାନେ ଆତ୍ମସମର୍ପଣ କଲେ ।

ସେହି ରାତିରେ ପୋଲିସ ଚୋରଦଳଠାରୁ ସଂଗ୍ରହ କରିଥିବା ସମ୍ବାଦ ଅନୁସାରେ ନିକଟବର୍ତ୍ତୀ ସହରର ଏକ ଗୋଦାମ ଘରକୁ ଚଢ଼ାଉ କରି ଆଗରୁ ଚୋରି ଯାଇଥିବା ସମସ୍ତ ଚା ବାକ୍ସଗୁଡ଼ିକୁ ଉଦ୍ଧାର କଲେ ।

ପରଦିନ ସକାଳ ସୁଦ୍ଧା ଚା ବାକ୍ସ ଚୋରି ଘଟଣାର ସମସ୍ତ ରହସ୍ୟ ସମାଧାନ ହୋଇ ଯାଇଥିଲା ।

Printed at : Jupiter Offset Works, Shahdra, Delhi-32

Digitized by srujanika@gmail.com

ଟ ୪.00

ନ୍ୟାସନାଲ୍ ବୁକ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com